## ସଂକ୍ଷେପରେ

### ଯକ୍ଷ୍ମା ଦିବସ ପୂର୍ବରୁ ତର୍କ ପ୍ରତିଯୋଗିତା

କୋରାପୁଟ,୨୦।୩(ସ୍ୱ.ପ୍ର.): କୋରାପୁଟସ୍ଥିତ ସରକାରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ପୂର୍ବରୁ ବୁଧବାର ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରତିଯୋଗିତାରେ 'ଏବେ ସମୟ ଆସିଛି' ଶୀର୍ଷକ ତର୍କ ହୋଇଥିଲା। ଯକ୍ଷ୍ମା ରୋଗକୁ କିପରି ନିରାକରଣ କରାଯାଇପାରିବ ଓ ଡଟସ୍ ପଦ୍ଧତି ହିଁ ଏହାର ସଠିକ ଉପଚାର ବୋଲି ଭାଗ ନେଇଥିବା ପ୍ରତିଯୋଗୀମାନେ କହିଥିଲେ। ପ୍ରତିଯୋଗିତାରେ ରେଡକ୍ରସର ଆବାହକ ସଂପାଦକ ଡ. ପ୍ରକାଶ ପ୍ରଧାନ, ଡ. କୈବଲ୍ୟ ବେହେରା ଓ ନିଧି କୁମାରୀ ପ୍ରସାଦ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ମନିଷା କୁମାରୀ ଗୁପ୍ତା, ସନ୍ତୋଷ ଖରା, ଓ ତପସ୍ୱିନୀ ପ୍ରିୟଦର୍ଶିନୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଆସନ୍ତା ୨୪ ବିଶ୍ୱ ଯକ୍ଷ୍ମା ଦିବସରେ ହେବାକୁ ଥିବା ଜିଲାସ୍ତରୀୟ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

### ସାହିତ୍ୟ, ଗଣିତ ବିଷୟର ଉତ୍କର୍ଷ ପ୍ରଶିକ୍ଷଣ ଶିବିର

ଜୟପୁର,୨୦।୩(ଡି.ଏନ୍.ଏ.) ଜୟପୁର ଉପଖଣ୍ଡ ୫ଟି ବ୍ଲକ ଉଚ୍ଚ ବିଦ୍ୟାଳୟର ସାହିତ୍ୟ ଓ ଗଣିଷ ବିଷୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପାଇଁ ଦିନିକିଆ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷାଧିକାରୀ ଡ. ପ୍ରମୋଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୭୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଶିକ୍ଷଣ ସ୍ତରକୁ ସମୃଦ୍ଧ କରିବା ଓ ଶ୍ରେଣୀ ଅନୁରୂପ ଆଣିବା ପାଇଁ ପ୍ରୟାସ ଜାରି ରଖିବାକୁ ଶିକ୍ଷକ ସମାଜ ପ୍ରତିଶ୍ରୁତିବଦ୍ଧ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ସାଧନ କର୍ମୀ ଭାବେ ଯଜ୍ଞେଶ୍ୱର ପଣ୍ଡା, ପ୍ରଭାତ ରଥ, ତପନ କରିଣ ତ୍ରିପାଠୀ, ପ୍ରଶାନ୍ତ ଦାଶ, ପ୍ରତାପ ମନ୍ତ୍ରୀ ତାଲିମ ଦେଇଥିଲେ। ଦିଲୀପ ପଣ୍ଡା, ଓମ୍‌ପ୍ରକାଶ ମିଶ୍ର, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ। ଆସନ୍ତା ବୁଧବାର ଇଂରାଜୀ ଓ ବିଜ୍ଞାନ ବିଷୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ତାଲିମ ଦିଆଯିବ।

### ବୁଗୁଡ଼ା ବ୍ଲକ : ୬ ବୁଥ୍ ଅତି ସମ୍ବେଦନଶୀଳ

ବୁଗୁଡ଼ା,୨୦।୩(ଡି.ଏନ.ଏ.)-ଏପ୍ରିଲ ୧୮ରେ ଆସିକା ଲୋକସଭା ଓ ଏହା ଅଧୀନ ସମସ୍ତ ବିଧାନସଭା ଆସନ ପାଇଁ ଭୋଟଗ୍ରହଣ କରାଯିବ। ଏଥିରେ ଥିବା ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବୁଗୁଡ଼ା ବ୍ଲକ ଓ ଏନଏସିର ବିଭିନ୍ନ ବିଦ୍ୟାଳୟରେ ମତଦାନ ପାଇଁ ମୋଟ ୧୨୩ ବୁଥ୍ ହୋଇଛି। ସେଥିମଧ୍ୟରୁ ୬ଟି ବୁଥ ଅତି ସମ୍ବେଦନଶୀଳ ଓ ୧୪ଟି ବୁଥ ମଧ୍ୟମ ଧରଣର ବୋଲି ଚିହ୍ନଟ ହୋଇଥିବା ବିଡିଓ ସୁକାନ୍ତ ମାଝି କହିଛନ୍ତି। ଅତି ସମ୍ବେଦନଶୀଳ ମଧ୍ୟରେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଲିଆର ୪ ଓ ସୋରଡ଼ର ୨ ବୁଥ ରହିଛି। ସେହିପରି ଭାମଶିଆଳିର ୨, ବାଲିପଦରର ୪, ଆଦିପୁରର ୨ ଓ ବେଲପଡ଼ା, ଦର୍ଶିପୁର, ଏକଡ଼ାଳ, ଅନ୍ତରପଡ଼ା, ମାଣିବନ୍ଧ ଓ ସିଙ୍ଗିପୁରର ଗୋଟିଏ ଲେଖାଏ ଏପରି ୧୪ ବୁଥକୁ ମଧ୍ୟମ ଧରଣର ସମ୍ବେଦନଶୀଳ ବୋଲି ଚିହ୍ନଟ କରାଯାଇଛି। ଗୋଲିଆର ୪ଟି ବୁଥ ଓ ସିଙ୍ଗିପୁରର ଗୋଟିଏ ବୁଥରେ ମାଇକ୍ରୋ ଅବଜର୍ଭରର ବ୍ୟବସ୍ଥା ହୋଇଥିବା ବେଳେ ବାଲିପଦରର ୩ଟି ବୁଥରେ ସିସିଟିଭି କ୍ୟାମେରା ଏବଂ ଅନ୍ୟ ୧୨ଟି ବୁଥରେ ୱେବକ୍ୟାଷ୍ଟିଂର ବ୍ୟବସ୍ଥା କରାଯାଇଛି।

# କାମ କରୁଛି ମେଶିନ, ଶ୍ରମିକ ବେକାର

**ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି କୁନ୍ଦୁରାର ୭ ହଜାର ଲୋକ**

କୁନ୍ଦୁରା,୨୦।୩(ଡି.ଏନ୍.ଏ.)

ଯେଉଁ ସବୁ ନିର୍ମାଣ କାମରେ ପଞ୍ଜିକୃତ ଶ୍ରମିକ କାମ କରିବା କଥା, ସେଠାରେ ମେଶିନ ଲଗାଉଛନ୍ତି ସରକାରୀ କର୍ମଚାରୀ। ଫଳରେ ସ୍ଥାନୀୟ ଶ୍ରମିକ ବେକାର ବସୁଛନ୍ତି। ସେମାନଙ୍କୁ ୧୦୦ ଦିନର କାମ ମିଳିପାରୁ ନାହିଁ। ଏହାର ପରିଣତି ହେଉଛି, ହଜାର ହଜାର ଗରିବ ଶ୍ରେଣୀର ଲୋକ ଦାଦନ ସାଜି ବାହାର ରାଜ୍ୟରେ ବେଠି ଖଟୁଛନ୍ତି, ନିର୍ଯାତନା ଭୋଗୁଛନ୍ତି। କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଞ୍ଚଳର ପ୍ରାୟ ୬ରୁ ୭ ହଜାର ଶ୍ରମିକ ଦକ୍ଷିଣ ଭାରତରେ ଦାଦନ ଖଟୁଥିବା ଜଣାପଡ଼ିଛି। ଏଇ ନିକଟରେ ଶ୍ରମ ବିଭାଗ ତାମିଲନାଡୁରେ ଅଟକ ରହିଥିବା ୨୬ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ତାହାର ଏକ ନଗ୍ନ ଚିତ୍ର।

ଗତ ୧୦୦ ଦିନ ଧରି ଗ୍ରାମ ରୋଜଗାର ସେବକଙ୍କ ରାଜ୍ୟବ୍ୟାପୀ ଆନ୍ଦୋଳନ ଯୋଗୁଁ ସେମାନଙ୍କ ମାଧ୍ୟମରେ ହେଉଥିବା ଆବାସ ଯୋଜନା, ରକ୍ଷଣାବେକ୍ଷଣ, ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ ଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ, ଏପିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ଭଳି ଅଧିକାରୀଙ୍କ ପାଇଁ ଏହା ମୁଣ୍ଡବିନ୍ଧାର କାରଣ ସାଜିଥିଲା। ତେଣୁ ଲକ୍ଷ୍ୟଧାର୍ଯ୍ୟ ପୂରଣ କରିବା ଓ ପିସି ଆଶାରେ ଶ୍ରମିକଙ୍କ ପରିବର୍ତ୍ତେ ବାହାର ଅଞ୍ଚଳର ମେଶିନ ଅଣାଯାଇ ତୁରନ୍ତ ବକେୟା କାମ ସାରିଦିଆଗଲା। ଗ୍ରାମାଞ୍ଚଳରେ ଗୁହାଳ, କୂଅ ନିର୍ମାଣ, ପୋଖରୀ ଖୋଳା ଓ ପୁନରୁଦ୍ଧାର ଭଳି କାର୍ଯ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଶ୍ରମିକମାନେ କରିବାର ନିୟମ ରହିଛି। କିନ୍ତୁ କେତେକ ଅସାଧୁ ଅଧିକାରୀ ହାଇୱା, ପ୍ରୋକଲିନ, ଟ୍ରାକ୍ଟର ଲଗାଇ ସେମାନଙ୍କ କାମ କରାଇ ନେଉଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳର ଗରିବ ଶ୍ରେଣୀର ପଞ୍ଜିକୃତ ଶ୍ରମିକଙ୍କୁ ୧୦୦ ଦିନର କାମ ମିଳୁନାହିଁ। ପରିବାର ବଞ୍ଚାଇବା ପାଇଁ ବାଧ୍ୟହୋଇ ସେମାନେ ଦାଦନ ଖଟିବାକୁ ବାହାର ରାଜ୍ୟ ଯାଉଛନ୍ତି। କୁନ୍ଦୁରା ବ୍ଲକର ବାଗଦେରି, ଆସନା, କେରିମିଟି ପଞ୍ଚାୟତର ୨୬ଜଣ ଅଣକୁଶଳୀ ଶ୍ରମିକଙ୍କୁ ଜିଲା ପ୍ରଶାସନ ଏବଂ ଶ୍ରମ ବିଭାଗ ତାମିଲନାଡୁର ଏଇ ନିକଟରେ ଉଦ୍ଧାର କରିଥିଲା। ଦାଦନ ଶ୍ରମିକଙ୍କ ପରିସଂଖ୍ୟାନ ଏତିକିରେ ସୀମିତ ନୁହେଁ। ବାଗଦେରି, ଆସନା, କେରିମାଟି ଏବଂ ଫୁଲଭଙ୍ଗା ପଞ୍ଚାୟତର ୩୦ଟି ଗାଁରୁ ୨୦୦୦ରୁ ଅଧିକ ଶ୍ରମିକ ବାହା ରାଜ୍ୟରେ ଦାଦନ ଖଟୁଥିବା ଜଣାପଡ଼ିଛି। ବର୍ତ୍ତମାନ ଲିମା ଏବଂ ଗୁଣ୍ଠାଳ ପଞ୍ଚାୟତର କେତେକ ଗ୍ରାମରୁ ଶ୍ରମିକମାନେ ଦାଦନ ଖଟିବାକୁ ଯାଇଥିବା ଅଭିଯୋଗ ହୋଇଛି। ସମଗ୍ର କୁନ୍ଦୁରା ବ୍ଲକରୁ ପ୍ରାୟ ୬/୭ହଜାର ଶ୍ରମିକ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନରେ ଦାଦନ ଖଟୁଛନ୍ତି। ପରିବାରର କାକୁତି ମିନତି ପରେ ଚେଇଁ ଶୋଇଥିବା ଶ୍ରମ ବିଭାଗ କିମ୍ବା ପ୍ରଶାସନ ସେମାନଙ୍କୁ ଉଦ୍ଧାର କରୁଛି ସତ; କିନ୍ତୁ ସେମାନଙ୍କର ଥଇଥାନ ହୋଇପାରୁ ନାହିଁ କି ଦାଦନ ଚାଲାଣ ହେବା ରୋକାଯାଇ ପାରୁନାହିଁ।


ମେଶିନରେ ରାସ୍ତାକାମ ଚାଲିଛି ।

**ଦାଦନ ରୋକିପାରୁନି ପ୍ରଶାସନ**

- ଥଇଥାନ ହୋଇପାରୁ ନାହାନ୍ତି ଉଦ୍ଧାର ଦାଦନ ଶ୍ରମିକ
- ପଞ୍ଜୀକୃତ ଶ୍ରମିକ ପାଉନାହାନ୍ତି ୧୦୦ ଦିନର କାମ


କୋରାପୁଟ ମେଡିକାଲ କଲେଜର 'ଉନ୍ମେଷ ୨୦୧୯' କାର୍ଯ୍ୟକ୍ରମରେ ଅତିଥିମାନେ ।

■ କୋରାପୁଟ ମେଡିକାଲ କଲେଜ

# ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ଉତ୍ସବ

କୋରାପୁଟ,୨୦।୩(ସ୍ୱ.ପ୍ର.)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ଶପଥ ଗ୍ରହଣ ଉତ୍ସବ 'ଉନ୍ମେଷ-୨୦୧୯' ମଙ୍ଗଳବାର ସ୍ଥାନୀୟ ମେଡିକାଲ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ଜୟନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ କଲେଜ ଡିନ୍ ତଥା ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲର ପୂର୍ବତନ ଅଧୀକ୍ଷକ ପ୍ରଫେସର ସୀତାରାମ ମହାପାତ୍ର, ପ୍ରଫେସର ଜଗଦାନନ୍ଦ ମିଶ୍ର, ପ୍ରଫେସର ଅରକ୍ଷିତ ସ୍ୱାଇଁ, ଡା. ତୃପ୍ତି ସ୍ୱାଇଁ, ପ୍ରଫେସର ପ୍ରତିମା ସାହୁ, ପ୍ରଫେସର ସୌମ୍ୟପ୍ରଭା ପ୍ରଧାନ, ପ୍ରଫେସର ଜେ. ସାଗର ପୃଷ୍ଟି, ପ୍ରଫେସର ସୁଶାନ୍ତ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ର ସଂଘ ସଭାପତି ସୋହିତ ମହାନ୍ତି, ସଂପାଦକ ସେରମ୍ୟ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ଣରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପଦାବାଗ୍ରୀ ସ୍ଥିତି ଅନୁଧ୍ୟାନ କଲା ଡାକ୍ତରୀ ଦଳ

ଦଶମନ୍ତପୁର,୨୦।୩(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକରେ ବିଭିନ୍ନ ଗାଁରେ ଆନ୍ଥ୍ରାକ୍ସ, ଝାଡ଼ାବାନ୍ତି ଆତଙ୍କ ଖେଳିଥିବା ବେଳେ ଡୁମ୍ବାଗୁଡ଼ା ପଞ୍ଚାୟତ ପଦାବାଗ୍ରୀ ଗାଁରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଝାଡ଼ାବାନ୍ତିରେ ଅଞ୍ଚଳରୁ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବୁଧବାର ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପଦାବାଗ୍ରୀ ଗାଁ ଗସ୍ତ କରିଛି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଦଧିବାମନ ତ୍ରିପାଠୀ, ଏଡିଏମ୍‌ଓ ଅରୁଣ ପାଢ଼ୀ, ଡିଏସ୍‌ଏମ୍‌ଓ ଡାକ୍ତର ଏସ୍. ପଟ୍ଟନାୟକ ସେହି ଗାଁରେ ନିଜ ଟିମ୍ ସହ ପହଞ୍ଚିଛନ୍ତି। ରୋଗ ବ୍ୟାପିବାର କାରଣ, ଗାଁର ପରିବେଶ, ଆକ୍ରାନ୍ତ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲା ଟିମ୍। ଆନ୍ଥ୍ରାକ୍ସରେ ମୃତ ଗାଈଗୋରୁଙ୍କୁ ଗାତ ଖୋଳି ଚୂନ ଓ ଲୁଣ ସହ ପୋତିଦେବା, କେହି ଗ୍ରାମବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ସିଡିଏମ୍‌ଓ ତ୍ରିପାଠୀ ପରାମର୍ଶ ଦେଇଥିଲେ। ସେମାନେ ଡାକ୍ତରଖାନା ଆସିଲେ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ପାଇଁ ମେଡିକାଲ କର୍ମଚାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟାଯାଇଥିଲା।


ପଦାବାଗ୍ରୀ ଗାଁର ଲୋକଙ୍କ ସହ ଆଲୋଚନା କରୁଛନ୍ତି ଡାକ୍ତରୀ ଦଳ ।

### ମହିଳା ଡାକ୍ତର ଆତ୍ମହତ୍ୟା ଘଟଣା

## ପୁଣି ଡାକ୍ତର ସ୍ୱାମୀଙ୍କ ଜାମିନ ନାମଞ୍ଜୁର

ଛତ୍ରପୁର,୨୦।୩(ଡି.ଏନ.ଏ)

ଛତ୍ରପୁର ବ୍ଲକ ସୁନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ଡାକ୍ତର ଅର୍ଚ୍ଚନା ଦାଶ ଆତ୍ମହତ୍ୟା ଘଟଣାରେ ଅଭିଯୁକ୍ତ ଡାକ୍ତର ସ୍ୱାମୀ ଅଞ୍ଜନ କୁମାର ଦାଶଙ୍କ ଜାମିନ ଆବେଦନ ପୁଣି ନାମଞ୍ଜୁର ହୋଇଛି। ଗତ ୧୬ତାରିଖରେ ଛତ୍ରପୁର ଏସ୍‌ଡିଜେଏମ୍ କୋର୍ଟରେ ଅଞ୍ଜନ ଆତ୍ମସମର୍ପଣ କରିଥିଲେ। ଏସ୍‌ଡିଜେଏମ୍ କୋର୍ଟ ତାଙ୍କ ଜାମିନ ଆବେଦନ ନାମଞ୍ଜୁର କରିଥିଲେ। ଉକ୍ତ ଆଦେଶ ବିରୋଧରେ ଛତ୍ରପୁରସ୍ଥିତ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ ଅଦାଲତରେ ଅପିଲ କରାଯାଇଥିଲା । ଉକ୍ତ ଅପିଲକୁ ଗ୍ରହଣ କରି ୨୦ରେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା । ବୁଧବାର ଅତିରିକ୍ତ ଜିଲା ଦୌରା ଜଜ ଏହି ଜାମିନ ଆବେଦନକୁ ନାମଞ୍ଜୁର କରିଛନ୍ତି। ଅଞ୍ଜନ ଏବେ ଛତ୍ରପୁର ସବ୍ ଜେଲରେ ଅଛନ୍ତି।

ଅର୍ଚ୍ଚନାଙ୍କୁ ତାଙ୍କ ସ୍ୱାମୀ ଅଞ୍ଜନ ଓ ଶ୍ୱଶୁର ଘର ଲୋକେ ମାନସିକ ଓ ଶାରିରୀକ ନିର୍ଯାତନା ଦେବା ସହ ଓ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇଥିଲେ ବୋଲି ତାଙ୍କ ମା' କୁସୁମପ୍ରଭା ମିଶ୍ର ଛତ୍ରପୁର ଥାନାରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା ରୁଜୁ କରିଥିଲା। ମାତ୍ର ଅଭିଯୁକ୍ତ ସ୍ୱାମୀ ଓ ଅନ୍ୟମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରି ନଥିଲା। ଆଗୁଆ ଜାମିନ୍ ପାଇଁ ଅଞ୍ଜନଙ୍କ ଓକିଲ ହାଇକୋର୍ଟରେ ଆବେଦନ କରିଥିଲେ । ହାଇକୋର୍ଟ ଏହା ନାମଞ୍ଜୁର କରିବା ସହ ଛତ୍ରପୁର ଏସଡିଏଜଏମ୍ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ମାମଲାକୁ ସରକାରୀ ଓକିଲ ଶରତ ଚନ୍ଦ୍ର ପ୍ରଧାନ, ରାଜେଶ କୁମାର ମିଶ୍ର, ସୌରୀ ବେହେରା ଓ କୃଷ୍ଣ ଚନ୍ଦ୍ର ବେହେରା ପରିଚାଳନା କରୁଥିଲେ ।

# ନିର୍ବାଚନ ବେଳେ ବିଏସ୍‌ଏନ୍‌ଏଲ୍ ଫେଲ୍

ପଟ୍ଟାଙ୍ଗି,୨୦।୩(ଡି.ଏନ୍.ଏ.)

ସାଧାରଣ ନିର୍ବାଚନ ପାଇଁ ସବୁଠି ତତ୍ପରତା। କିନ୍ତୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ବିଏସ୍‌ଏନ୍‌ଏଲ୍ ସେବା ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। କୋରାପୁଟ ଜିଲାର ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର, ନନ୍ଦପୁର, ଲମତାପୁଟ, ସେମିଳିଗୁଡ଼ା ତଥା ପଟ୍ଟାଙ୍ଗି ବ୍ଲକ ମାଓବାଦୀ ଅଧ୍ୟୁଷିତ ହୋଇଥିବା ବେଳେ ସେଠାରେ ବିଏସ୍‌ଏନ୍‌ଏଲ୍‌ର ଦୁର୍ବଳ ସେବା ନିର୍ବାଚନୀ ଯୋଗାଯୋଗ ଓ ସମନ୍ୱୟ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଏହା ରାଜନେତା, କର୍ମୀ, ପ୍ରଶାସନିକ ଅଧିକାରୀଙ୍କ ପାଇଁ ମୁଣ୍ଡବ୍ୟଥା ପାଲଟିଛି। ଦୀର୍ଘ ୬ ମାସ ହେଲା ଏଭଳି ସ୍ଥିତି ରହିଛି। କିନ୍ତୁ ନିର୍ବାଚନ ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଥିବା ନେଟୱର୍କ କିନ୍ତୁ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ବୟୋଜ୍ୟେଷ୍ଠ ବ୍ୟକ୍ତି ନୃସିଂହନାଥ ବେହେରା, ସରପଞ୍ଚ ଭଗବାନ ଖରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି ପ୍ରକାଶ କରିଛନ୍ତି। ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରୁ ନ ଥିବାରୁ ଉପଭୋକ୍ତା ମଧ୍ୟ ଏଥିପ୍ରତି ବିମୁଖ ହେବାରେ ଲାଗିଛନ୍ତି। ପଟ୍ଟାଙ୍ଗି ଥାନା ପରିସର, ରାଜପଥ ପାର୍ଶ୍ୱ, ସୁଙ୍କି, ପୁକାଲି ପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍‌ର ଟାୱାର ରହିଛି। ୬ ମାସରୁ ଅଧିକ ଦିନ ହେଲା ବ୍ଲକରେ ବିଭାଗର କେହି ସ୍ଥାୟୀ ଲାଇନମ୍ୟାନ ନାହାନ୍ତି। ଦୁଇ ଜଣ ଅସ୍ଥାୟୀ କର୍ମଚାରୀ ୫ ମାସ ହେଲା ଦରମା ନ ପାଇ କାମ କରିଚାଲିଛନ୍ତି। ଏନେଇ ବିଭାଗୀୟ ଏସ୍‌ଡିଓ ସଦାନନ୍ଦ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ସମସ୍ୟାକୁ ହାଲୁକା ଭାବେ ନେଇ ଉତ୍ତର ଦେଇଥିଲେ ଯେ, ଆମକୁ ନେଟୱାର୍କ ସମସ୍ୟା ସମ୍ପର୍କରେ ଏକ ଲିଖିତ ଅଭିଯୋଗ ପତ୍ର ଦିଆଯାଉ। ଏହାପରେ ଦେଖାଯିବ।

# ବିଶ୍ୱ ଗ୍ଲୁକୋମା ସପ୍ତାହରେ ଶୋଭାଯାତ୍ରା



ଗ୍ଲୁକୋମା ସପ୍ତାହ ପାଇଁ ବାହାରିଥିବା ଶୋଭାଯାତ୍ରା ।

ଦାମନଯୋଡ଼ି,୨୦।୩(ଡି.ଏନ୍.ଏ.)

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଗ୍ଲୁକୋମା ସପ୍ତାହ ଆୟୋଜିତ ହୋଇଛି। ଉଦ୍‌ଯାପନୀ ଦିବସରେ ବ୍ଲକର ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ନେଇ ଏକ ସଚେତନତା ସଭା ସହ ରାଲି ହୋଇଥିଲା। ୪୦ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଆଶାକର୍ମୀ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ଭୂୟାଁ ଓ ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ ଗ୍ଲୁକୋମା ରୋଗର ଲକ୍ଷଣ, ନିରୁପଣ ଉପରେ କର୍ମଚାରୀଙ୍କୁ ସଚେତନ କରିବା ସହ ନିୟମିତ ଚକ୍ଷୁ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ମଧୁଲିନା ପାଢ଼ୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ଗୌରୀ କୁମାରୀ ଦେବୀ, ମକର ଜାନି, ରାଧିକା ସୋରେନ, ଜଗନ୍ନାଥ ବିଶ୍ୱାସରାୟ, ସୀମାଞ୍ଚଳ ପରିଡ଼ା, ଫାର୍ମାସିଷ୍ଟ ସରୋଜ ସେଠୀ, ଲାବୋରାଟୋରୀ ଟେକ୍ନିସିଆନ ସୁକେତ ବିଶୋୟୀ, ବ୍ଲକ ଡାଟା ମ୍ୟାନେଜର ସନ୍ତୋଷ ଦାଶ, କର୍ମଚାରୀ ବବିତା ମିଶ୍ର, ସ୍ୱାସ୍ଥ୍ୟକର୍ମୀ ସୁଖଲତା ସିଂ, କ୍ଷୀରପ୍ରଭା ସେଠୀ, ସୁଶାନ୍ତ ଭଞ୍ଜ, ମଦନ ଭୋଇ, ମାନସ ସ୍ୱାଇଁ, ଆଶାସାଥୀ ଚମ୍ପକଲତା ବାରିକ ଓ ଗୀତା ଚୌଧୁରୀ ଉପସ୍ଥିତ ଥିଲେ।

# କୃଷକ ତାଲିମ ଶିବିର

ଦଶମନ୍ତପୁର,୨୦।୩(ଡି.ଏନ୍.ଏ.)

ହେଲ୍‌ପ ଏ ଚାଇଲ୍ଡ ଅଫ୍ ଇଣ୍ଡିଆ ଓ କୋରାପୁଟ ଶିଶୁ ବିକାଶ ପ୍ରକଳ୍ପ ମିଳିତ ଆନୁକୂଲ୍ୟରେ ଦଶମନ୍ତପୁରଠାରେ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଦଶମନ୍ତପୁର ବ୍ଲକର ଗିର୍ଲିଗୁମା, ଡୁମ୍ବାଗୁଡ଼ା, ଚଣାବାଡ଼ ଓ ପି.ବେଡାପଦର ପଞ୍ଚାୟତର ୧୦ ଗାଁରୁ ପ୍ରାୟ ୮୦ଜଣ କୃଷକ ଉପସ୍ଥିତ ଥିଲେ। ଶିଶୁ ବିକାଶ ପ୍ରକଳ୍ପ ସଂଯୋଜକ ଅଜିତ୍ କୁମାର ମନବୋଧଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକ କୃଷି ଅଧିକାରୀ ତାପସ ଚନ୍ଦ୍ର ରାୟ ମୁଖ୍ୟ ତାଲିମଦାତା ଭାବେ ଯୋଗଦେଇ କୃଷକଙ୍କୁ ସରକାରୀ ଯୋଜନା, ଜୈବିକ ଚାଷ ପ୍ରଣାଳୀ, ଚାଷ ଉପକରଣ ବିଷୟରେ ତାଲିମ ଦେଇଥିଲେ। ଶିଶୁ ବିକାଶ ସଂଯୋଜକ ଶବୀର ତୁରୁକ୍ ଓ ଆର୍. ଡଣ୍ଟନ ଶିବିର ପରିଚାଳନା କରିଥିଲେ।



ତାଲିମ ଶିବିରରେ ଚାଷୀମାନଙ୍କୁ ପରାମର୍ଶ ଦେଉଛନ୍ତି ତାଲିମଦାତା ।

# ରାଜ୍ୟ କରାଟେରେ ଭାଗନେବେ କୋରାପୁଟର ୬ ଖେଳାଳି



ରାଜ୍ୟ କରାଟେ ପାଇଁ ମନୋନୀତ ହୋଇଥିବା ଖେଳାଳିମାନେ ।

ସେମିଳିଗୁଡ଼ା,୨୦।୩(ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ଓ ସେମିଳିଗୁଡ଼ା କରାଟେ ସ୍କୁଲରୁ ୬ ଜଣ ପ୍ରତିଯୋଗୀ ରାଜ୍ୟ ପ୍ରତିଯୋଗିତା ପାଇଁ ୨୧ ତାରିଖ ଭୁବନେଶ୍ୱର ଗସ୍ତ କରିବେ। ସେମାନେ ହେଲେ ପ୍ରଜ୍ଞା ପାରମିତା ସାହୁ, ଶ୍ରୀୟା ଖରା, ଆର୍. ସୁଭାଷିନୀ, ହୀତେଶ ପୋଦାର, ସଚ୍ଚିନ ବିଶ୍ୱକର୍ମା ଓ ରାଜଦୀପ ନାୟକ। ଆସନ୍ତା ୨୩ ଓ ୨୪ ତାରିଖ ସେଠାରେ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ହେବାକୁ ଥିବାବେଳେ ଏଥିରେ ରାଜ୍ୟରୁ ୨୦୦ ଜଣ ପ୍ରତିଯୋଗୀ ଭାଗନେବେ। ସେଠାରୁ ସ୍ୱର୍ଣ୍ଣ ଜିତିଥିବା ଖେଳାଳି ଗୌହାଟିରେ ହେବାକୁ ଥିବା ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ତେଣୁ ରେଫରି ଓ କୋଚ୍ ରାଜେନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ ସୁନାବେଡ଼ା ଓ ସେମିଳିଗୁଡ଼ାର ଖେଳାଳିମାନେ ରାଜ୍ୟ ପ୍ରତିଯୋଗିତାରେ ଭାଗନେବେ ବୋଲି ସମ୍ପାଦକ ମହେଶ ବରାଳ କହିଛନ୍ତି।

# ବର୍ଷେ ହେଲା ପ୍ରାପ୍ୟ ପାଇନାହାନ୍ତି ୪୨ ଶ୍ରମିକ

କୁନ୍ଦୁରା,୨୦।୩(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ତେନ୍ତୁଳିପାଇରେ ଦେଢ଼ବର୍ଷ ହେଲା ମହାବନ୍ଧ କାମ କରାଯାଇଥିଲେ ମଧ୍ୟ ୪୨ ଶ୍ରମିକ ସେମାନଙ୍କର ପ୍ରାପ୍ୟ ପାଇନାହାନ୍ତି। ଏନେଇ ତେନ୍ତୁଳିପାଇର ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ବୁଧବାର ବିଡିଓ ଶ୍ୱେତସ୍ମିତା ପ୍ରଧାନ ଓ ସହକାରୀ ଯନ୍ତ୍ରୀ ପ୍ରତାପ ନାୟକଙ୍କୁ ଭେଟିଛନ୍ତି।

ସେମାନଙ୍କ ଦାବି ହେଲା, ଆମର କାର୍ଯ୍ୟ କରିଥିବା ଅଧା ପ୍ରାପ୍ୟ ଦେଲେ ଆମେ ଯିବୁ। ଏହାପରେ ବିଡିଓ କାର୍ଯ୍ୟରତ ଏପିଓ ରୁବି ଡାକୁଆଙ୍କୁ ଡକାଇ କାର୍ଯ୍ୟର ସମୟ, ବ୍ୟୟ ଅଟକଳ, ନିୟୋଜିତ ହୋଇଥିବା ଶ୍ରମିକ ସଂଖ୍ୟାର ତାଲିକା ପ୍ରସ୍ତୁତ କରି ଦେବା ପାଇଁ କହିଥିଲେ। ୫ ଲକ୍ଷ ଟଙ୍କାର ଏହି ବନ୍ଧ କାମରେ ପ୍ରତିଦିନ ୩୦/୪୦ ଶ୍ରମିକ କାର୍ଯ୍ୟ କରିଥିବା ବେଳେ ଅର୍ଦ୍ଧାଧିକ ଟଙ୍କା ପ୍ରଦାନ କରାଯାଇଛି। ବଳକା ଟଙ୍କା କମ୍ପ୍ୟୁଟରରୁ ବାହାର କରାଯାଇଥିବା ଶ୍ରମିକ ତାଲିକାରେ ଥିବାବେଳେ ସେମାନଙ୍କ ଆଧାର ଏବଂ ଜମାଖାତା ନମ୍ବର ଅନ୍ୟ ଲୋକଙ୍କ ହୋଇଥିବା ଏଇ ପ୍ରତାପ ନାୟକ ସ୍ପଷ୍ଟ କରିଥିଲେ। ଏଭଳି ଭାବେ ଅନ୍ୟ ନାମରେ ଟଙ୍କା ଜମା ହୋଇଥିବା ବିଡିଓ ଜାଣିବା ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ପ୍ରାପ୍ୟ ପାଇ ନଥିବା ଶ୍ରମିକମାନଙ୍କ ମଧ୍ୟରେ ଜଣେ ଭିନ୍ନକ୍ଷମ ଶ୍ରମିକ ରହିଛନ୍ତି, ଯିଏ ଜଳ ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ନିୟୋଜିତ ହୋଇଥିଲେ। ସେ ହେଲେ ଡମ୍ବୁ କୁମ୍ଭାର ଯାହାଙ୍କୁ ଏଯାବତ୍ ବଳକା ପ୍ରାପ୍ୟ ମିଳିନାହିଁ। ବୁଧବାର ବ୍ଲକ କାର୍ଯ୍ୟାଳୟକୁ ଦାବି ଜଣାଇବା ପାଇଁ ଭଗବତୀ କୁମ୍ଭାର, ମଣିମା କୁମ୍ଭାର, ବିମଳା କୁମ୍ଭାର, ସମାରୀ କୁମ୍ଭାର, ଦଇମତି କୁମ୍ଭାର, ସମଳା ଘିଉରିଆ, ଡମ୍ବୁଣି ଘିଉରିଆ, କୁନ୍ଦ ଘିଉରିଆ, କମଳଲୋଚନ କୁମ୍ଭାର, ସୁନାଧର ଘିଉରିଆ, ପୁରୁଷତି ହନ୍ତାଳ, ସନିଆ ହନ୍ତିଆ ପ୍ରମୁଖ ଶ୍ରମିକ ପହଞ୍ଚିଥିଲେ। ୪/୫ ଦିନ ମଧ୍ୟରେ ଟଙ୍କା ପାଇବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଶ୍ରମିକମାନେ ଫେରିଯାଇଥିଲେ।


ବିଡିଓଙ୍କ ସହ ଆଲୋଚନା କରୁଛନ୍ତି ପ୍ରାପ୍ୟ ପାଇ ନଥିବା ଶ୍ରମିକ ।

## ସଂକ୍ଷେପରେ



### ଦୋଳଯାତ୍ରା ଆରମ୍ଭ

**ଟିକିରି, ୨୦।୩ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ସୋମବାରଠାରୁ ଦୋଳଯାତ୍ରା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଯୁଗୋଳ କିଶୋର ମହାପ୍ରଭୁଙ୍କୁ ରୀତିନୀତିରେ ପୂଜାର୍ଚ୍ଚନା କରାଯିବା ସହ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ବେଶରେ ସଜ୍ଜିତ କରାଯାଉଛି। ଠାକୁରଙ୍କୁ ଗାଁ ଦାଣ୍ଡରେ ସୁସଜ୍ଜିତ ବିମାନରେ ରାଜ ରାଜେଶ୍ୱରୀ ବେଶ କରାଯାଇ ବୁଲା ଯାଇଥାଏ। ବାଜା ସଂକୀର୍ତ୍ତନ ମଣ୍ଡଳ ଠାକୁରଙ୍କ ସହ ଯାଇଥାନ୍ତି। ମନୋଜ କୁମାର ନାୟକ, ଜିତୁ ନାୟକ, ତାପସ ନାୟକ, ବଳରାମ ମାଝି, ଶୈଳେନ୍ଦ୍ର ବେହେରା, ଅନିଲ ନାୟକ, ରୁଦ୍ର ବେହେରା, ବିଶୋଇ ଚନ୍ଦ୍ର ବେହେରା, ମଧୁସୂଦନ ନାୟକ, ଯୋଗେଶ୍ୱର ନାୟକ ଏଥିରେ ସହଯୋଗ କରୁଛନ୍ତି।

### କୃଷି ସାମଗ୍ରୀ ବଣ୍ଟନ



**ଚନ୍ଦ୍ରପୁର, ୨୦।୩(ଡି.ଏନ୍.ଏ.):** ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତ ସଦର ମହକୁମା ଅଷ୍ଟମ ବାଟାଲିୟନ ସିଆରପିଏଫ କ୍ୟାମ୍ପରେ ବୁଧବାର ସ୍ଥାନୀୟ ଅଞ୍ଚଳର କୃଷକଙ୍କୁ କୃଷି ସାମଗ୍ରୀ ବଣ୍ଟନ କରାଯାଇଛି। ଡାଙ୍ଗସୋରଡା, ଟୁରାଗୁଡା, ପିଷ୍କାପଙ୍ଗା ପଞ୍ଚାୟତର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମାଗଣାରେ କୃଷି ସାମଗ୍ରୀ ଦିଆଯାଇଛି। ମୁଖ୍ୟ ଅତିଥିଭାବେ ସିଆରପିଏଫ କମାଣ୍ଡାଣ୍ଟ ନରେନ୍ଦ୍ର କୁମାର ସିଂ ଯୋଗଦେଇ ଚାଷୀମାନେ ଯେପରି ଉନ୍ନତମାନର ଚାଷ କରି ରୋଜଗାରକ୍ଷମ ହୋଇପାରିବେ, ସେ ନେଇ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇନ୍ସପେକ୍ଟର ଏସ୍.କେ. ମଲ୍ଲିକ ଉପସ୍ଥିତ ଥିଲେ। ଅଷ୍ଟମ ବାଟାଲିୟନର ଯବାନମାନେ ଏଥିରେ ସହଯୋଗ କରିଥିଲେ।

### ସେଞ୍ଚୁରିଆନ ଛାତ୍ରଙ୍କ କୃତିତ୍ୱ



**ପାରଳାଖେମୁଣ୍ଡି, ୨୦।୩(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଆପ୍ଲାଏଡ୍ ସାଇନ୍ସ ସ୍ନାତକ ଶ୍ରେଣୀ ଶେଷବର୍ଷ ଛାତ୍ର ବିକାଶ ସେନାପତି ଆଇଆଇଟି ଜେମ୍ ପରୀକ୍ଷାରେ ୪୬୮୭ ର୍ୟାଙ୍କ ରଖି ଯୋଗ୍ୟତା ହାସଲ କରିଛନ୍ତି । ଏଥିପାଇଁ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଆପ୍ଲାଏଡ୍ ସାଇନ୍ସର ଡିନ୍ ଡ. ଅଶୋକ ମିଶ୍ର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟର କୋଚିଂ ବ୍ୟବସ୍ଥା ତାଙ୍କ ସଫଳତା ପାଇଁ ସହାୟକ ହୋଇଛି ବୋଲି ବିକାଶ କହିଛନ୍ତି ।

### ଗୋଇନ୍ଦା ରିପୋର୍ଟ ପ୍ରସଙ୍ଗକୁ ନେଇ ମାମଲା

### ଥାନାରେ ହାଜର ହେବାକୁ ସମୀର ମହାନ୍ତିଙ୍କୁ ନୋଟିସ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରୁ ନିର୍ବାଚନ ଲଢିଲେ ହାରିଯିବେ ବୋଲି ଗୋଇନ୍ଦା ରିପୋର୍ଟ ଦେଇଥିବା ନେଇ ସୋମବାର ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏହାକୁ ନେଇ ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଥିବାବେଳେ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ରିପୋର୍ଟକୁ ଜବତ କରି ତଦନ୍ତ ଚଳାଇଛି। ବୁଧବାର ଖାରବେଳନଗର ଥାନା ପୋଲିସ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କୁ ନୋଟିସ କରିଛି। ଗୋଇନ୍ଦା ରିପୋର୍ଟ ପ୍ରସଙ୍ଗରେ ଗତ ୧୮ ତାରିଖର ଥାନାରେ ଆଇପିସି ଦଫା ୪୬୫, ୪୬୮, ୪୬୯, ୪୭୧ ଅନୁଯାୟୀ ମାମଲା (ନଂ.୮୫/୧୯) ରୁଜୁ ହୋଇଛି। ତଦନ୍ତ ପାଇଁ ୨୧ ତାରିଖ ପୂର୍ବାହ୍ନ ୧୦ଟାରେ ସମସ୍ତ ତଥ୍ୟ ପ୍ରମାଣ ସହ ଥାନାରେ ହାଜର ହେବାକୁ ସମୀରଙ୍କୁ କୁହାଯାଇଛି।

■ ଜମୁଛି ଦୋଳ ଉତ୍ସବ: ହୋଲି ସନ୍ଧ୍ୟାରେ ହେବ କୁନି ପିଲାଙ୍କ ରାଧାକୃଷ୍ଣ ବେଶ ପ୍ରତିଯୋଗିତା

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୦।୩(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଦୋଳବନ୍ଧ ନିକଟରେ ଦୋଳବନ୍ଧ ଉନ୍ନୟନ ଓ ଦୋଳ ଉତ୍ସବ କମିଟି ପକ୍ଷରୁ ମିଳିତ ଭାବେ ଦୋଳ ଉତ୍ସବ ଚାଲିଛି । ଏହି ଦୋଳ ଉତ୍ସବ ଗତ ୧୭ତାରିଖରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୨ତାରିଖ ହୋଲି ସନ୍ଧ୍ୟାରେ ଉଦ୍‌ଯାପିତ ହେବ । ପ୍ରଥମ ସନ୍ଧ୍ୟାରେ ଉତ୍ସବକୁ ବାଘଶଳା ମଠର ମହନ୍ତ ରାଧାଚରଣ ଦାସ ଉଦ୍‌ଘାଟନ କରିଥିଲେ । ଏହାପରେ ନବଜୀବନ ଅନାଥାଶ୍ରମର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଦୋଳ ଉତ୍ସବ ଅବସରରେ ଠାକୁର ପ୍ରତିଦିନ ରାମସ୍ୱାମୀ ମନ୍ଦିରରୁ ବାହାରି ନଗର ପରିକ୍ରମା କରିବା ପରେ ଏଠାକାର ଦୋଳ ମଣ୍ଡପରେ ପୂଜା



ଛାତ୍ରୀ ଦ୍ୱୟ ନୃତ୍ୟ ପରିବେଷଣ କରୁଛନ୍ତି।

ପାଇଥାନ୍ତି। ପ୍ରତି ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥାଏ । ବୁଧବାର ସନ୍ଧ୍ୟାରେ ହୋଲିକା ଦହନ କାର୍ଯ୍ୟକ୍ରମ ହୋଇଥିବା ବେଳେ ଗୁରୁବାର ଦୋଳପୂର୍ଣ୍ଣମୀ ପାଳନ କରାଯିବ। ଶେଷ ଦିନ ଅର୍ଥାତ୍ ହୋଲି ସନ୍ଧ୍ୟାରେ କୁନି ପିଲାଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ହେବ। ଏହି ଅବସରରେ ବିଭିନ୍ନ ଦୋକାନ ଓ ଅସ୍ଥାୟୀ ଷ୍ଟଲ ଖୋଲିଛି। ଅପରାହ୍ନରୁ ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଲୋକଙ୍କ ଭିଡ ଜମୁଛି। କାର୍ଯ୍ୟକ୍ରମକୁ ଦୋଳ ଉତ୍ସବ କମିଟି ସଭାପତି ହରିମୋହନ ପଟ୍ଟନାୟକ, ସମ୍ପାଦକ ବିନୋଦ ଚନ୍ଦ୍ର ଜେନା, ଉପସଭାପତି ରାଜେନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରୁଛନ୍ତି । ସନ୍ଧ୍ୟା ସମୟରେ ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ।


ରିଜର୍ଭେଶନ କାଉଣ୍ଟରରେ ଯାତ୍ରୀ।

■ ରାୟଗଡା ରେଳ ଷ୍ଟେଶନରେ ଅବ୍ୟବସ୍ଥା

# ରିଜର୍ଭେଶନ ଫର୍ମ ବଦଳରେ ସାଦା କାଗଜ

**ରାୟଗଡା ଅଫିସ୍, ୨୦।୩**

ରାୟଗଡାକୁ ରେଳବାଇ ଡିଭିଜନାଲ ମୁଖ୍ୟାଳୟ କରିବାକୁ ସରକାର ଘୋଷଣା କରିଛନ୍ତି। କିନ୍ତୁ ଏହି ରେଳ ଷ୍ଟେଶନ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଟିକେଟ୍ ସଂରକ୍ଷଣ କାଉଣ୍ଟରରେ ଯାତ୍ରୀଙ୍କୁ ଆବେଦନ ଫର୍ମ ବଦଳରେ ଦିଆଯାଉଛି ସାଧା କାଗଜ। ରେଳବାଇର କମର୍ସିଆଲ ଇନ୍ସପେକ୍ଟର ଆପାଲରାଜୁଙ୍କୁ ଯୋଗାଯୋଗ କରିବାରୁ ଭୁବନେଶ୍ୱର ଓ ବିଶାଖପାଟଣାରୁ ଫର୍ମ ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ଏକମାସରୁ ଉର୍ଦ୍ଧ୍ୱ ସମୟ ଧରି କମର୍ସିଆଲ ଷ୍ଟୋରକୁ ଦରଖାସ୍ତ ଦିଆଯାଇଥିଲେ ମଧ୍ୟ କୌଣସି ବ୍ୟବସ୍ଥା ହୋଇନାହିଁ। ରାୟଗଡା ଷ୍ଟେଶନରେ ପୂର୍ବରୁ ତେଲୁଗୁ ଭାଷାରେ ଫର୍ମ ମିଳୁଥିବା ବେଳେ ମାସେ ହେଲା ଆଦୌ ରିଜରଭେଶନ ଫର୍ମ ମିଳୁନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

# ଚୂଡ଼ାନ୍ତ ପ୍ରାର୍ଥୀ ପାଇଁ ଭାଜପା ଅଙ୍କ ଛିଣ୍ଡୁନି

**ଗୁଣପୁର,୨୦।୩(ଡି.ଏନ୍.ଏ)**

୨୧ ଓ ୨୫ ଏହି ଦୁଇଦିନ ନାମାଙ୍କନ ପତ୍ର ଦାଖଲ କରିବାକୁ ଥିବାବେଳେ ସେପଟ ଦୁଇ ପ୍ରମୁଖ ରାଜନୈତିକ ଦଳ ଭାଜପା ଏବଂ କଂଗ୍ରେସର ରାୟଗଡା ଜିଲାର କେତେକ ସ୍ଥାନ ପାଇଁ ପ୍ରାର୍ଥୀ ଘୋଷଣା କରି ନାହାନ୍ତି। ଭାଜପା ପକ୍ଷରୁ ଗୁଣପୁର ନିର୍ବାଚନମଣ୍ଡଳୀ ପାଇଁ ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁତ୍ତିକା, ପୋଲିସ ଚାକିରି ଛାଡି ଭାଜପାରେ ଯୋଗ ଦେଇଥିବା ରବି ଗମାଙ୍ଗ ଏବଂ ରାଜ୍ୟ ସମ୍ପାଦକ ଶିଶିର ଗମାଙ୍ଗଙ୍କ ମଧ୍ୟରେ ଛକାପଞ୍ଝା ଲାଗିଛି। ଫଳରେ ଘୋଷଣା ପ୍ରକ୍ରିୟା ବିଳମ୍ବ ହେବାରେ ଲାଗିଛି। ସେପଟ ତ୍ରିନାଥ ଗମାଙ୍ଗ ଭାଜପାକୁ ଯାଉଥିବା ଚର୍ଚ୍ଚା ହେଉଥିବା ବେଳେ ତାହା ଏଯାଏ ସ୍ପଷ୍ଟ ହୋଇନି।

## ରାୟଗଡ଼ା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନି କଂଗ୍ରେସ

ଜିଲାର ୩ ନିର୍ବାଚନମଣ୍ଡଳୀ ରାୟଗଡା, ବିଷମକଟକ ଏବଂ ଗୁଣପୁର ପାଇଁ ବର୍ତ୍ତମାନ ସୁଦ୍ଧା ଭାଜପା ପ୍ରାର୍ଥୀ ଘୋଷଣା କରିନି। ରାୟଗଡାରେ କାଳିରାମ ମାଝି ଏବଂ ବସନ୍ତ ଉଲାକା, ବିଷମକଟକ ପାଇଁ ଶିବ ଉଲାକା ଏବଂ ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକା ପ୍ରମୁଖ ଦାବିଦାର ରହିଛନ୍ତି। ସେପଟେ ବିଜେଡି ରାୟଗଡା ପାଇଁ ଲାଲ ବିହାରୀ ହିମିରିକା, ଗୁଣପୁର ପାଇଁ ରଘୁନାଥ ଗମାଙ୍ଗ ଏବଂ ବିଷମକଟକ ପାଇଁ ଜଗନ୍ନାଥ ସାରକାଙ୍କ ନାମ ଘୋଷଣା କରିଛି। ଅନ୍ୟପଟେ କଂଗ୍ରେସ ବିଷମକଟକ ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମାଧବ ହିକ୍କା ଏବଂ ଗୁଣପୁର ପାଇଁ ପୁରୁଷୋତ୍ତମ ଗମାଙ୍ଗଙ୍କ ନାମ ଘୋଷଣା କରିସାରିଛି। କିନ୍ତୁ ରାୟଗଡାରେ କଂଗ୍ରେସ କାହାକୁ ପ୍ରାର୍ଥୀ କରୁଛି ତାହାକୁ ନେଇ ଏବେ ମଧ୍ୟ ସଂଶୟ ଲାଗି ରହିଛି। ସେଠାରେ ଆପୁଲୁସ୍ୱାମୀ କାଡ୍ରାକା, ପୂର୍ଣ୍ଣଚନ୍ଦ୍ର ମାଝି ଏବଂ ମକରନ୍ଦ ମୁଦୁଲି ପ୍ରମୁଖ ଦାବିଦାର ରହିଛନ୍ତି। ଗତ ଥର ମକରନ୍ଦ ମୁଦୁଲି ନିର୍ବାଚନ ଲଢି ବିଜେଡିର ଲାଲ ବିହାରୀ ହିମିରିକାଙ୍କଠାରୁ ସ୍ୱଳ୍ପ ଭୋଟରେ ହାରିଥିଲେ। ଏପରି ୩ ଜଣ ପ୍ରମୁଖ ଦାବିଦାର ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା କିଏ ପ୍ରାର୍ଥୀ ହେବ କଂଗ୍ରେସ ସ୍ଥିର କରିନାହିଁ। ଗୁରୁବାର ଗୁଣପୁରରେ ବିଜେଡି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡିଛି।



# ସିଜେଏମ୍ ଅଦାଲତରେ ସବ୍ୟସାଚୀ

**ରାୟଗଡା ଅଫିସ୍, ୨୦।୩**

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ବୁଧବାର କଡା ସୁରକ୍ଷାବଳୟ ମଧ୍ୟରେ ବ୍ରହ୍ମପୁର ଜେଲ୍‌ରୁ ଅଣାଯାଇ ରାୟଗଡା ସିଜେଏମ ଅଦାଲତରେ ହାଜର କରାଯାଇଛି। ରାୟଗଡା ଜିଲା ଚାନ୍ଦିଲି ଥାନା ଅଧୀନ ଭୂଜବଳରେ ୨୦୦୨ରେ ଏକ କଲ୍ଭର୍ଟ ନିକଟରେ ହୋଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟଣାରେ ବୁଧବାର ସିଜେଏମ୍ ଜ୍ଞାନେନ୍ଦ୍ର କୁମାର ବାରିକଙ୍କ ସମ୍ମୁଖରେ ୬ଜଣଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ ସବ୍ୟସାଚୀଙ୍କୁ ହାଜର କରାଯାଇଛି। ଏହି ମାମଲାରେ ଡେପୁଟି କମାଣ୍ଡାଣ୍ଟ ଶ୍ରୀବତ୍ସ କୁମାର ସିଂ, ହାବିଲଦାର ସୂର୍ଯ୍ୟମଣି ବେହେରା, ରମେଶ କୁମାର ସେଠୀ, ଏସ୍.ବେହେରାଙ୍କ ସହ ଅନ୍ୟ ୨ଜଣ ରୋଷେୟାଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିବା ନେଇ ସବ୍ୟସାଚୀଙ୍କ ଓକିଲ ମଙ୍ଗଳମୂର୍ତ୍ତି ବେଉରିଆ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୦୨ ଡିସେମ୍ବର ୫ତାରିଖ ସନ୍ଧ୍ୟାରେ ପୋଲିସର ଏକ ଖେଳାଳି ଦଳକୁ ନେଇ ବ୍ରହ୍ମପୁରର (ଓଆର୍-୦୨ଭି-୭୫୯୩)ନଂ. ବିଶିଷ୍ଟ ଗାଡି କୋରାପୁଟ ଫେରୁଥିଲା। କୋଲନରା ଗାଁ ପରେ ଭୂଜବଳ ନିକଟରେ କଲ୍ଭର୍ଟ ପାର ହେଉଥିବା ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଗାଡିରେ ବସିଥିବା ୧୮ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣାରେ ସବ୍ୟସାଚୀଙ୍କ ନାମରେ ଚାନ୍ଦିଲି ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ରାୟଗଡା ସିଜେଏମ୍‌ଙ୍କ କୋର୍ଟରେ ମାମଲା ବିଚାର ଚାଲିଛି।

# ନିର୍ବାଚନ ପାଇଁ ଗାଡ଼ିମୋଟର ଯାଞ୍ଚ

**ଜେକେପୁର, ୨୦।୩(ଡି.ଏନ୍.ଏ)**

ଏପ୍ରିଲ ୧୧ରେ ରାୟଗଡ଼ାରେ ହେବ ପ୍ରଥମ ପର୍ଯ୍ୟାୟ ନିର୍ବାଚନ। ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ବେଆଇନ୍ ଟଙ୍କା ଚାଲାଣ, ବିସ୍ଫୋରଣ ସାମଗ୍ରୀ ଓ ନିଶାଦ୍ରବ୍ୟର ଅବୈଧ ଚାଲାଣକୁ ରୋକିବାକୁ ଗାଡି ମୋଟର ଯାଞ୍ଚ କରାଯାଉଛି। ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଜେକେପୁର ନିକଟ ଅମ୍ଲାଭଟ୍ଟା ଛକରେ ବିଭିନ୍ନ ଗାଡି ଯାଞ୍ଚ କରାଯାଇଥିଲା। ଚାନ୍ଦିଲି ପୋଲିସ, କଲ୍ୟାଣସିଂହପୁର ଭାରପ୍ରାପ୍ତ ତହସିଲଦାର ସହଦେବ କୁଟ୍ରୁକାଙ୍କ ଉପସ୍ଥିତିରେ ଏହା କରାଯାଇଥିଲା।


ଏକ ଗାଡ଼ିକୁ ଯାଞ୍ଚ କରାଯାଉଛି।

# ପୁତ୍ର ସନ୍ତାନ ଜନ୍ମ କଲେ ଏଚ୍‌ଆଇଭି ପୀଡ଼ିତା

## ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କୁ ଶୁଭେଚ୍ଛା

**ଗୁଣପୁର,୨୦।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏଚ୍‌ଆଇଭି ପୀଡିତା ମଙ୍ଗଳବାର ରାତ୍ରିରେ ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ସ୍ତ୍ରୀ ଏବଂ ପ୍ରସୂତି ବିଶେଷଜ୍ଞ ଡାକ୍ତର ବିଶ୍ୱମ୍ଭର ବେହେରାଙ୍କ ସଫଳ ଅସ୍ତ୍ରୋପଚାର ଯୋଗୁ ମହିଳା ଜଣଙ୍କ ସୁସ୍ଥ ସନ୍ତାନ ଜନ୍ମ ଦେଇଛନ୍ତି। ଡାକ୍ତର ରତିକାନ୍ତ ସାହୁ, ଷ୍ଟାଫ୍ ନର୍ସ ଗାୟତ୍ରୀ ମହାପାତ୍ର ଓ ଦିବ୍ୟାଭାରତୀ ଶବର, ଆଇସିଟିସି କାଉନସିଲର ସସ୍ମିତା ନାୟକଙ୍କ ସମେତ କର୍ମଚାରୀ ନବୀନ ମହାନ୍ତି, ପଦ୍ମିନୀ ଗୌଡ, ଟି.କୋଟି ଏଥିରେ ସହଯୋଗ କରିଥିଲେ। ଶିଶୁଟି ଯେମିତି ଏଚ୍‌ଆଇଭି ଆକ୍ରାନ୍ତ ନ ହେବ ସେଥିପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ଡାକ୍ତର ବେହେରା ଏହା ପୂର୍ବରୁ ୨୦୧୪ ଏବଂ ୨୦୧୮ରେ ଦୁଇଜଣ ଏଚ୍‌ଆଇଭି ପୀଡିତାଙ୍କର ମଧ୍ୟ ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଇଥିଲେ। ଏଥିପାଇଁ ପୂର୍ବରୁ ତାଙ୍କୁ ଜିଲାପାଳ ସମ୍ମାନିତ କରିଛନ୍ତି। ପୂର୍ବ ଦୁଇଟି ଅସ୍ତ୍ରୋପଚାରରେ ଜନ୍ମିତ ଶିଶୁ ଏବେ ସୁସ୍ଥ ଓ ଏଚ୍‌ଆଇଭି ମୁକ୍ତ ଅଛନ୍ତି। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ରମେଶ ଚନ୍ଦ୍ର ସାହୁ ଏବଂ ଆଇସିଟିସି ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସୁଜାତା ଦେବୀ ପ୍ରମୁଖ ଡାକ୍ତର ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଡା.ବିଶ୍ୱମ୍ଭର ବେହେରା

# ଜମି ଫେରିପାଇଲେ ଆଦିବାସୀ

**ଟିକିରି, ୨୦।୩ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ତହସିଲ ଅଧୀନ ଟିକିରି ଆରଆଇ ସର୍କଲରେ କେତେଜଣ ଆଦିବାସୀଙ୍କ ଜମିକୁ କେତେକ ଅଣ ଆଦିବାସୀ ଖରିଦ କରିଥିଲେ। ଆଦିବାସୀ ଜମି ଭୂ ଅଧିକାର ଓ ସଂକ୍ଷଣ ବ୍ୟବସ୍ଥା ଅନୁସାରେ ଉକ୍ତ ଜମିକୁ ମୂଳ ଜମି ମାଲିକଙ୍କୁ ଫେରସ୍ତ କରାଯାଇଛି। ଉକ୍ତ ଆଇନ ଅନୁଯାୟୀ ଅଣ ଆଦିବାସୀଙ୍କୁ ଆଦିବାସୀ ଜମି ହସ୍ତାନ୍ତର ଓ ଦଖଲ ନେଇ କଟକଣା ରହିଛି। ଏପରି ୫ ଏକରରୁ କମ୍ ଜମି ଥିବା ଆଦିବାସୀ ପରିବାରଙ୍କଠାରୁ ମଧ୍ୟ ଅନ୍ୟ ଆଦିବାସୀ ଲୋକେ ଖରିଦ କରିବା କିମ୍ବା ହସ୍ତାନ୍ତର ପାଇଁ ନିଷେଧ କରାଯାଇଛି। କିନ୍ତୁ ଏହି ଆଇନ୍ ପ୍ରତି ଲୋକଙ୍କ ସଚେତନତା ଭାବେ ଆଦିବାସୀ ଜମିକୁ ଅଣଆଦିବାସୀମାନେ ହଡପ କରୁଥିବା ଅଭିଯୋଗ ହେଉଛି। ଜମି ହସ୍ତାନ୍ତର ନେଇ କଟକଣା ଥିବା ସତ୍ତ୍ୱେ ସ୍ଥାନୀୟ ଗୋକୁଳ ମୁଡା ଗ୍ରାମର ସୀତରାମ ମାଝିଙ୍କଠାରୁ ଗତ ଦିନରେ କିଛି ଜଣ ଜମି ଖରିଦ୍ କରିଛନ୍ତି। ସେ ଉକ୍ତ ଜମିରେ ଘରଦ୍ୱାର ନିର୍ମାଣ କରିଛନ୍ତି। ଏ ବିଷୟରେ ସରକାରଙ୍କଠାରେ ଅଭିଯୋଗ ହେବା ପରେ ଆବଶ୍ୟକ ତଦନ୍ତ କରାଯାଇ ମୂଳ ଜମି ମାଲିକ ଖାତାକୁ ଜମି ଫେରସ୍ତ ନେଇ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗତ ଦିନରେ ଟିକିରିର ମୁକୁଲି ଦୋରା ଓ ଗେରେଙ୍କ ନାମରେ ଥିବା ବହୁ ଜମିକୁ ସତ୍ୟ ନାରାୟଣ ନାମକ ଅଣ ଆଦିବାସୀ ବ୍ୟକ୍ତି ଖରିଦ୍ କରି ନିୟମ ଅନୁସାରେ ତାଙ୍କ ନାମରେ ପଟ୍ଟା କରାଇଥିଲେ। ପରବର୍ତ୍ତୀ ସମୟରେ ଜମି ବିକ୍ରେତାଙ୍କ ଖାତାକୁ ଫେରସ୍ତ କରାଯାଇଛି। ଏ ବିଷୟରେ ହାଇକୋର୍ଟରେ ମାମଲା ଚାଲିଥିବା ଜଣାଯାଇଛି। ଜମି କିଣାବିକା ବେଳେ ହସ୍ତାନ୍ତର ହେଉଥିବା ଜମି ଆଦିବାସୀଙ୍କର କି ନୁହେଁ ଏହାର ଏକ ଘୋଷଣା ପତ୍ର ଜମି ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାରଙ୍କୁ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଏହି ବ୍ୟବସ୍ଥାକୁ ସ୍ଥାନୀୟ ତହସିଲ ଅଞ୍ଚଳରେ ଅଣ ଦେଖା କରାଯାଉଥିବାରୁ ସହଜରେ ଆଦିବାସୀ ଜମି ଅଣ ଆଦିବାସୀଙ୍କ ହାତକୁ ଚାଲି ଯାଉଥିବା ଅଭିଯୋଗ ହେଉଛି।

# ଗୁମ୍ମା ଗ୍ରାମରୁ ମଦ ଜବତ, ଜଣେ ଗିରଫ

**ରାୟଗଡା ଅଫିସ୍, ୨୦।୩**

ରାୟଗଡା ବ୍ଲକ କୁମ୍ବିକୋଟା ଫାଣ୍ଡି ଗୁମ୍ମା ଗାଁରୁ ପୋଲିସ ବିପୁଳ ପରିମାଣର ବିଦେଶୀ ମଦ ଜବତ ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଗୁମ୍ମା ଗାଁର ପୂର୍ଣ୍ଣଚନ୍ଦ୍ର ପାତ୍ର। ତାଙ୍କ ନିକଟରୁ ପ୍ରାୟ ୧୦, ୨୭୭ଲିଟର ବିଦେଶୀ ମଦ ଜବତ କରାଯାଇଥିବା ଏସ୍‌ଡିପିଓ ତପନ କୁମାର ରଥ ସୂଚନା ଦେଇଛନ୍ତି। ଗୁମ୍ମା ଗାଁରେ ମଦ ବିକ୍ରି ହେଉଥିବା ନେଇ ରାୟଗଡା ପୋଲିସ ସୂଚନା ପାଇଥିଲା। ଏସ୍‌ଆଇ ଧୀରେନ ପଟ୍ଟନାୟକ ଓ ଜୟସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ପୂର୍ଣ୍ଣଚନ୍ଦ୍ରଙ୍କ ଘରୁ ମଦ ସବୁ ଜବତ କରାଯାଇଥିଲା। ଏନେଇ ଥାନାରେ ୮୬/୧୯ରେ ମାମଲା ରୁଜୁ କରାଯାଇଛି।

# ଲିହୁରିରେ ଆଜିଠୁ ୯ ଦିନ ଅଟକିବ ରାଜ୍ୟରାଣୀ ଏକ୍ସପ୍ରେସ

## ଦୋଳଯାତ୍ରା ପାଇଁ ରେଳ ବିଭାଗର ନିଷ୍ପତ୍ତି

**ଗୁଣପୁର,୨୦।୩(ଡି.ଏନ.ଏ)**

ଲିହୁରିରେ ଗୋପୀନାଥଙ୍କ ଦୋଳଯାତ୍ରା ଗୁରୁବାରରୁ ଆରମ୍ଭ ହେଉଛି। ଏହାକୁ ଦୃଷ୍ଟିରେ ରଖି ରେଳ ବିଭାଗ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛି। ଲୋକଙ୍କ ପକ୍ଷରୁ ଦାବି ହେବା ପରେ ଲିହୁରିଠାରେ ରାଜ୍ୟରାଣୀ ଏକ୍ସପ୍ରେସ ସହ ଗୁଣପୁର-ପଲାସା ଏବଂ ପଲାସା-ଗୁଣପୁର ରାତ୍ରିକାଳୀନ ଟ୍ରେନ ସେଠାରେ ଅଟକିବ ବୋଲି ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଏହି ଦୁଇ ଯୋଡା ଟ୍ରେନ ସେଠାରେ ଅଟକିବ ବୋଲି ରେଳ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଗୁଣପୁର-ପୁରୀ ଏବଂ ପୁରୀ-ଗୁଣପୁର, ଗୁଣପୁର-ବିଶାଖାପାଟଣା ଏବଂ ବିଶାଖାପାଟଣା-ଗୁଣପୁର ପାସେଞ୍ଜର ଟ୍ରେନଗୁଡିକ ସେଠାରେ ରହଣି କରୁଥିଲା। ହେଲେ ରାଜ୍ୟରାଣୀ ଗୁଣପୁର-ରାଉରକେଲା ଏବଂ ରାଉରକେଲା-ଗୁଣପୁର ଓ ପଲାସା ଗୁଣପୁର ଏବଂ ଗୁଣପୁର ପଲାସା ଟ୍ରେନ ସେଠାରେ ରହୁନଥିଲା। ଦୋଳଯାତ୍ରା ସମୟରେ ଭକ୍ତମାନଙ୍କ ସୁବିଧା ନିମନ୍ତେ ଉକ୍ତ ଟ୍ରେନର ରହଣି ପାଇଁ ପୂର୍ବତଟ ରେଳ ବିଭାଗକୁ ଆନ୍ଧ୍ର ଓଡିଶା ରେଳ ବ୍ୟବହାରିକ ସଂଘ ଦାବି କରିଥିଲା। ରେଳ ବିଭାଗ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଟ୍ରେନଗୁଡିକ ରହଣି ପାଇଁ ପଦକ୍ଷେପ ନେଇଛି।

# ବିପଦସଙ୍କୁଳ ଅବସ୍ଥାରେ ଯାଉଛନ୍ତି ଛାତ୍ରୀଛାତ୍ର

**ପାରଳାଖେମୁଣ୍ଡି, ୨୦।୩(ସ୍ୱ.ପ୍ର.)**

ଗଜପତି ଜିଲାରେ ବହୁ ଛାତ୍ରୀଛାତ୍ର ଅଟୋ ଯୋଗେ ବିପଦସଙ୍କୁଳ ଅବସ୍ଥାରେ ସ୍କୁଲକୁ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ପାରଳାଖେମୁଣ୍ଡି ଓ ଆଖପାଖ ଅଞ୍ଚଳ ସମେତ କାଶୀନଗର, ଗୋଷାଣୀ ଓ ରାୟଗଡ ବ୍ଲକରେ କେତେକ ବେସରକାରୀ ବିଦ୍ୟାଳୟ ରହିଛି। ସେହିସବୁ ଶିକ୍ଷାନୁଷ୍ଠାନର ଅଧିକାଂଶ ପିଲାମାନଙ୍କୁ ନିଜ ଘରୁ ଅଟୋ ଯୋଗେ ବିଦ୍ୟାଳୟକୁ ଯିବାକୁ ପଡୁଛି। ତେବେ ଅଟୋଗୁଡ଼ିକର ଉଭୟପାର୍ଶ୍ୱରେ ବ୍ୟାଗ ଝୁଲାଇ ପିଲାଙ୍କୁ ପଛସିଟ୍ ପାଖ ବାଡାରେ ବସାଇ ନିଆଯାଉଛି। ସରକାରୀ ନିୟମାନୁଯାୟୀ ସ୍କୁଲ ଛାତ୍ରୀଛାତ୍ରଙ୍କୁ ବୋହିନେଉଥିବା ଯାନବାହନଗୁଡିକର ଚାରିପଟେ ଫାଟକ ବ୍ୟବସ୍ଥା ସହ ତାରଜାଲି ରହିବା କଥା। ମାତ୍ର ଏହି ନିୟମର ଉଲ୍ଲଙ୍ଘନ କରାଯାଉଛି। ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ପିଲାଙ୍କୁ ବସାଇ ବିଦ୍ୟାଳୟକୁ ନିଆଯାଉଛି। ଏ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୁର୍ଘଟଣା ଘଟିଲେ କିଏ ଦାୟୀ ହେବ ବୋଲି ସେମାନେ ପ୍ରଶ୍ନ କରିବା ସହ ଏ ଦିଗରେ ଦୃଢ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



ଅଟୋରେ ବସି ପିଲାମାନେ ସ୍କୁଲ ଯାଉଛନ୍ତି।





## ବିଜେଡି଼ ଉପରେ ବର୍ଷିଲେ ବଳଭଦ୍ର

# ପୂର୍ବଥର ମୋହରା, ଏଥର ଚକ୍ରାନ୍ତ

ନବରଙ୍ଗପୁର,୨୦।୩(ବି.ପ୍ର.)

ବିଜେଡିକୁ ଟିକେଟ ଭିକ୍ଷା କରିବାକୁ ଯାଇ ନଥିଲି । ବିଜେଡିକୁ ପ୍ରାର୍ଥୀ ନ ମିଳିବାରୁ ବାଧବାଧକତା କରି ତାଙ୍କୁ ୨୦୧୪ରେ ପ୍ରାର୍ଥୀ କରାଯାଇଥିଲା ବୋଲି ବୁଧବାର ଭାଜପାର ସମ୍ବର୍ଦ୍ଧନା ସଭା ଅବସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏମପି ବଳଭଦ୍ର ମାଝି କହିଛନ୍ତି। ୨୦୧୪ରେ ବିଜେଡିରେ ପ୍ରାର୍ଥୀ ମିଳୁନଥିଲେ । ମୁର୍ଗା ଖୋଜୁଥିଲେ, ମୋତେ ବନାଇବା ପାଇଁ ଚେଷ୍ଟା କରିଥିଲେ । ଏବେ ମୁଁ ହୃଦୟଙ୍ଗମ କରି ତାହା ଏକ ଷଡଯନ୍ତ୍ର ଥିଲା । ଚାକିରିରେ ଥିବା ସମୟରେ ସମାଜସେବା କାର୍ଯ୍ୟରେ ଥିଲି। ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିଲି । ସେତେବେଳେ ଯେଉଁମାନେ ମୋ ପଛରେ ପଡିଥିଲେ, ତାଙ୍କୁ ଲାଗୁଥିଲା ଦିନେ ତାଙ୍କ ପାଇଁ ମୁଁ ପ୍ରତିଦ୍ୱନ୍ଦ୍ୱୀ ହୋଇ ଠିଆ ହେବି। ସେଥିପାଇଁ ମୋତେ ପ୍ରାର୍ଥୀ କରାଇ ଥିଲେ । ପୁଣି ଚକ୍ରାନ୍ତ ଚାଲିଲା ରାଜନୀତି କ୍ଷେତ୍ରରେ ମୋତେ ସମାପ୍ତ କରିବାକୁ, ଏହା ସମସ୍ତେ ଜାଣିଛନ୍ତି ବୋଲି ସେ କହିଥିଲେ । ଜିଲାରେ ରମେଶ ଚନ୍ଦ୍ର ମାଝୀ ୧୫ ବର୍ଷ ଧରି ମନ୍ତ୍ରୀ ରହିଥିଲେ ମଧ୍ୟ ତାଙ୍କ ନିଜ ନିର୍ବାଚନ ମଣ୍ଡଳୀ ଝରିଗାଁରେ ବର୍ତ୍ତମାନ ସୁଦ୍ଧା ବିଜେଡି ପାର୍ଥୀ ଘୋଷଣା କରି ପାରୁ ନଥିବା ରହସ୍ୟ କଣ ବୋଲି ପ୍ରଶ୍ନ କରିଥିଲେ । ବର୍ତ୍ତମାନ ବିଜେଡି ଶେଷ ସ୍ତରରେ ପହଞ୍ଚିଗଲାଣି । ଚାଟୁକାର ବିଜେଡି ପର୍ଯ୍ୟବେକ୍ଷକ ଜିଲାକୁ ଗିଳିସାରିଲେଣି ବୋଲି କହିଥିଲେ । ବିଜେଡି ଲୋକ ପ୍ରତିନିଧିମାନେ ଜିଲାର ବିକାଶ ଅପେକ୍ଷା ନିଜର ସ୍ୱାର୍ଥ ପାଇଁ କାମ କରୁଛନ୍ତି ବୋଲି କହିଥିଲେ । ଜିଲାର କିଭଳି ବିକାଶ ହେବ ସେଥିପାଇଁ ଚେଷ୍ଟା କରିଥିଲି । କୃଷି ଓ ଅର୍ଥନୀତିର ବିକାଶ ପାଇଁ ଭାରତର ବିଭିନ୍ନ କୋଣରୁ ବୈଜ୍ଞାନିକ ଓ କୃଷି ଅଧିକାରୀ ସମେତ ଚାଷୀଙ୍କ ମିଳନ କରିଥିଲି । ୧୫/୨୦ଟି ବିଭାଗର ବୈଜ୍ଞାନିକମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରିବା କେତେ କଷ୍ଟ । ସେଥିପାଇଁ ୩ ବର୍ଷ ଲାଗିଥିଲା । ବୈଜ୍ଞାନିକଙ୍କୁ ଏକାଠି କରି ନବରଙ୍ଗପୁର ଆଣି ଚାଷୀଙ୍କ ସହ ଆଲୋଚନା କରିଥିଲି । ବୈଜ୍ଞାନିକ ପଦ୍ଧତିରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଚିନ୍ତା କରାଯାଇଥିଲା । ମାଲକାନଗିରିରେ ଚିନାବାଦାମ ମଣ୍ଡି କରାଯାଇଥିଲା । ସେହିଭଳି ଅନେକ ଚିନ୍ତା କରାଯାଇଥିଲା । ଜିଲାରେ ଇଞ୍ଜିନିୟରିଂ କଲେଜ ପାଇଁ ଉଦ୍ୟମ କରାଯାଇଥିଲା । ଜମି ଦେବା ପାଇଁ କେନ୍ଦ୍ର ସରକାର କହିଥିଲେ । ୨୦ ଏକର ଜମି ଯୋଗାଇବା ଦୂର କଥା ସଚିବାଳୟରୁ ଫାଇଲ ଗାଏବ ହୋଇଗଲା । ଏହା ସବୁଠାରୁ ଦୁର୍ଭାଗ୍ୟର କଥା ବୋଲି କହିଥିଲେ ।


ଏମପି ବଳଭଦ୍ର ମାଝିଙ୍କୁ ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି ।

ବିଜେଡି ଛାଡି ଭାଜପାରେ ଏମପି ବଳଭଦ୍ର ମାଝି ଯୋଗ ଦେବା ପରେ ନବରଙ୍ଗପୁର ଶ୍ରୀ କଲ୍ୟାଣ ମଣ୍ଡପ ଠାରେ ଭାଜପା ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ଏଥିରେ ଜିଲାସଭାପତି ଗୋବିନ୍ଦ ଜୈନ ସଭାପତିତ୍ୱ କରିଥିଲେ। ସାଧାରଣ ନିର୍ବାଚନରେ ଭାଜପା ଯାହାକୁ ପ୍ରାର୍ଥୀ କରିବ ତାହାକୁ ଦଳର ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ପୂର୍ବତନ ଜିଲାସଭାପତି ରମେଶ ଚନ୍ଦ୍ର ସାହୁ, ଜିଲା ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସମିଷ୍ଟା ଦେଓ, ଜିଲା ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ଦାଶ, ପୂର୍ବତନ ମନ୍ତ୍ରୀ ଡମ୍ବରୁ ଧର ମାଝୀ ପ୍ରମୁଖ ଯୋଗ ଦେଇ ବଳଭଦ୍ର ଜଣେ ଦକ୍ଷ ଓ ମେଧାବୀ ଆଦିବାସୀ ନେତା ବୋଲି ଅଭିହିତ କରିଥିଲେ । ବଳଭଦ୍ର ଭାଜପାରେ ଯୋଗ ଦେବା ପରେ ସଙ୍ଗଠନ ଅଧିକ ସୁଦୃଢ ହେବ । ଗତ ୫ ବର୍ଷ ମଧ୍ୟରେ ସେ ବହୁ ଉନ୍ନୟନ ମୂଳକ କାର୍ଯ୍ୟକରିଥିବା କହିଥିଲେ। ଏହି କାର୍ଯ୍ୟକ୍ରମକୁ ନଗର ସଭାପତି ସୁବ୍ରତ ମିଶ୍ର ସଂଯୋଜନା କରିଥିଲେ । ଜିଲା ଉପସଭାପତି ସତ୍ୟବାଦୀ ଷଡଙ୍ଗୀ, ଲୋକସଭା କ୍ଷେତ୍ର ସହପ୍ରଭାରୀ ସୁମନ୍ତ ପ୍ରଧାନ , ଜିଲା ପଛୁଆବର୍ଗ ସେଲ ଅଧ୍ୟକ୍ଷ ମନୋଜ ମହାକ୍ଲୁଡ, ସାଧାରଣ ସମ୍ପାଦକ ଜଗଦିଶ ଚନ୍ଦ୍ର ବିଷୋୟୀ, ମିଡିଆ ସଂଯୋଜକ ସଞ୍ଜୀବ ନନ୍ଦ, ସୁରେନ୍ଦ୍ର କୁମାର ବିଷୋୟୀ, ରାଜେନ୍ଦ୍ର ତ୍ରିପାଠୀ, ଜିଲା ଉପସଭାପତି ଗଦାଧର ତ୍ରିପାଠୀ, ଗୌରୀ ଶଙ୍କର ମାଝୀ, ଦିବାକର ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ଓ କଂଗ୍ରେସ ଛାଡି ୫୦ ଜଣ ଭାଜପାରେ ଯୋଗ ଦେଇଥିଲେ । ସମସ୍ତଙ୍କୁ ଜିଲାସଭାପତି ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ । ପରେ ଏକ ଖବରଦାତା ସମ୍ମିଳନୀରେ ଏମପି ବଳଭଦ୍ର ମାଝି ବିଜେଡି ଉପରେ ବର୍ଷିଥିଲେ। ଏହି ଅବସରରେ ଶ୍ରୀ କଲ୍ୟାଣ ମଣ୍ଡପରୁ ଶୋଭାଯାତ୍ରା ବାହାରି ଦଶହରାପଦା, ବସଷ୍ଟାଣ୍ଡ ଦେଇ ସହର ପରିକ୍ରମା କରିଥିଲା । ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ଆଶିଷ ପରେ ଭାଜପା ଦଳୀୟ କାର୍ଯ୍ୟାଳୟକୁ ଯାଇଥିଲେ ।

# ପ୍ରଥମ ପ୍ରାର୍ଥିପତ୍ର ଦେଲେ ରାମଚନ୍ଦ୍ର କାଡାମ

## ପଟ୍ଟାଙ୍ଗୀରେ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହାନ୍ତି ବିଜେଡି, ଭାଜପା

କୋରାପୁଟ,୨୦।୩(ସ୍ୱ.ପ୍ର.)

ପ୍ରାର୍ଥିପତ୍ର ଦାଖଲର ତୃତୀୟ ଦିନରେ ବୁଧବାର ପଟ୍ଟାଙ୍ଗି ବିଧାନସଭା ଆସନ ପାଇଁ ପ୍ରଥମ ନାମାଙ୍କନପତ୍ର ଦାଖଲ କରିଛନ୍ତି କଂଗ୍ରେସର ରାମଚନ୍ଦ୍ର କାଡାମ। ଅନ୍ୟପକ୍ଷରେ ବିଜେଡି କିମ୍ବା ଭାଜପା ଏପର୍ଯ୍ୟନ୍ତ ଏଠାରୁ ନିଜ ଦଳର ପ୍ରାର୍ଥୀ ଘୋଷଣା କରିନାହାନ୍ତି। ବୁଧବାର ଅପରାହ୍ଣରେ ସରକାରୀ କନିଷ୍ଠ ମହାବିଦ୍ୟାଳୟ ଛକରୁ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ସେ କୋରାପୁଟ ଉପଜିଲାପାଳ ଲଳିତ କହଁରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ । ତାଙ୍କର ପ୍ରସ୍ତାବକ ଭାବେ ନରସିଂହ ବେହେରା, ଶଶିଭୂଷଣ ପାତ୍ର, ଶୁକ୍ରା ଖରା, ସରୋଜ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର କାମେଶ କାମିଡି, ଗୋପାଳ ମାଟାମ, ଏସ୍. ଚନ୍ଦ୍ରଶେଖର ରାଓ, ଆନନ୍ଦ କୁଲଦିପ, ବିମଳା ପାଙ୍ଗି, ବି. ପ୍ରସାଦଙ୍କ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୪ ନିର୍ବାଚନରେ ପଟ୍ଟାଙ୍ଗି ବିଧାନସଭା ଆସନରେ ବିଜେଡିର ପ୍ରଫୁଲ୍ଲ ପାଙ୍ଗି ୪୬,୮୩୯ ଭୋଟ୍ ପାଇ ବିଜୟୀ ହୋଇଥିଲେ। କଂଗ୍ରେସର ରାମଚନ୍ଦ୍ର କାଡାମଙ୍କୁ ୩୬,୦୭୫ ଭୋଟ୍ ମିଳିଥିଲା। ୨୦୦୯ରେ ୪୧,୪୫୧ ଭୋଟ୍ ପାଇ ବିଧାୟକ ନିର୍ବାଚିତ ହୋଇଥିଲେ ରାମଚନ୍ଦ୍ର କାଡାମ। ବିଜେଡିର ପ୍ରଫୁଲ୍ଲ ପାଙ୍ଗିଙ୍କୁ ୩୬,୦୧୫ ଭୋଟ୍ ମିଳିଥିଲା।


ପ୍ରାର୍ଥିପତ୍ର ଦାଖଲ ପାଇଁ କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରାମଚନ୍ଦ୍ର କାଡାମ ।

## ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇପାରନ୍ତି ନାରାୟଣ ରାଓ

ପାରଳାଖେମୁଣ୍ଡି, ୨୦।୩(ସ୍ୱ.ପ୍ର.)

ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ କେ.ନାରାୟଣ ରାଓ ଭାଜପା ପକ୍ଷରୁ ନିର୍ବାଚନ ଲଢିବା ନେଇ ଚର୍ଚ୍ଚା ଜୋର ଧରିଛି। ତାଙ୍କୁ ଭାଜପା ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ ପ୍ରାର୍ଥୀ କରିପାରେ ବୋଲି ଶୁଣିବାକୁ ମିଳୁଛି। ସୂଚନାଯୋଗ୍ୟ, ରାଓ ଏବଂ ତାଙ୍କର ୬୭ଜଣ ସମର୍ଥକ ବିଜେଡିରୁ ଇସ୍ତଫା ଦେବା ପରେ ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ.ସୀମାଦ୍ରି, ଗୋଷାଣି ବ୍ଲକ ଅଧ୍ୟକ୍ଷା ସି.ଏଚ୍.ତାରେକେଶ୍ୱରୀ, ପାରଳାଖେମୁଣ୍ଡି ନଗର ସଭାପତି ଜମିଦାର ପଟ୍ଟନାୟକ, ଜିଲା ଯୁବ ବିଜେଡି ସଭାପତି ପି.କ୍ରିଷ୍ଣା ପ୍ରମୁଖ ବହୁ ନେତା ରହିଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଗଜପତି ଜିଲା ସଭାପତି ଜି.ଭେଙ୍କେଟରାବଣା, ପୂର୍ବତନ ଜିଲା ସଭାପତି ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଓ କହିଛନ୍ତି ଯେ, ବିଜେଡିରେ ତାଙ୍କ ପ୍ରତି ଅଣଦେଖା କରାଯାଇଛି। ଦୀର୍ଘ ୨୦ବର୍ଷ ଧରି ବିଜେଡି ପାଇଁ କାର୍ଯ୍ୟ କରିବା ସହ କର୍ମୀମାନଙ୍କ ସହିତ ସକ୍ରିୟ ଭାବେ ସମ୍ପର୍କ ରଖିଆସିଥିଲେ। ଏପରି ସ୍ଥଳେ ତାଙ୍କୁ ଟିକେଟ ନ ମିଳିବା ଦୁର୍ଭାଗ୍ୟପୂର୍ଣ୍ଣ। ଏବେଠୁ ସେ ଭାଜପା ପାଇଁ ନିଜର ଶ୍ରମ ଓ ସମୟ ଦେବା ସହ ଦଳକୁ ଜିତାଇବା ପାଇଁ କାମ କରିବେ।

## କଂଗ୍ରେସ, ବିଜେଡିର ପ୍ରାର୍ଥୀ ଘୋଷଣା ପରେ

# ପଦ୍ମକୁ ମୁହାଁଉଛନ୍ତି ନିରାଶ ଆଶାୟୀ

କୋରାପୁଟ,୨୦।୩(ସ୍ୱ.ପ୍ର.)

ବିଜେଡି ଓ କଂଗ୍ରେସ ନିଜର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଥିବା ବେଳେ ଆଶାୟୀ ପ୍ରାର୍ଥୀଙ୍କୁ ନେଇ ଏଯାବତ୍ ଭାଜପାର ଅଙ୍କକଷା ଶେଷ ହୋଇନାହିଁ। ଯେଉଁ ଆଶାୟୀମାନେ ବିଜେଡି ଓ କଂଗ୍ରେସରୁ ନିରାଶ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ଏବେ ଭାଜପା ଶିବିରମୁହାଁ ହେବାରେ ଲାଗିଛନ୍ତି। ୫ରୁ ୧୫ ବର୍ଷ ଧରି ଦିନରାତି ଦଳରେ କାର୍ଯ୍ୟ କରିଥିବା କେତେକ ଆଶାୟୀ ଚଳିତ ସାଧାରଣ ନିର୍ବାଚନ ପାଇଁ ଟିକେଟ ନଦେଇ ଦଳ ତାଙ୍କ ପ୍ରତି ଘୋର ଅନ୍ୟାୟ କରିଛି ବୋଲି ପ୍ରକାଶ କରିବା ସହିତ ଏ ଅନ୍ୟାୟର ଉଚିତ ଜବାବ ଦିଆଯିବ ବୋଲି କହିଛନ୍ତି। ବିଜେଡିରୁ ନିରାଶ ବହୁ ଆଶାୟୀ ପ୍ରାର୍ଥୀ ଏବେ ଭାଜପାର ତୁଙ୍ଗ ନେତାଙ୍କ ଘରେ ଓ କାର୍ଯ୍ୟାଳୟରେ ଡେରା ପକାଇଛନ୍ତି। କୋରାପୁଟ ଜିଲାରେ ଥିବା ଜୟପୁର, କୋରାପୁଟ, ଲକ୍ଷ୍ମୀପୁର, ପଟ୍ଟାଙ୍ଗି, କୋଟପାଡ଼ ବିଧାନସଭା ଆସନ ପାଇଁ ଉଭୟ କଂଗ୍ରେସ ଓ ବିଜେଡି ଗୋଟିଏ ଦୁଇଟିକୁ ଛାଡ଼ି ଅନ୍ୟ ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ପରେ ଅନ୍ୟ ଆଶାୟୀ ବିଦ୍ରୋହର ସୂଚନା ଦେଲେଣି। ସେହିପରି ବିଜେଡି କୌଶଲ୍ୟା ହିକକାଙ୍କୁ କୋରାପୁଟ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଭାବେ ଘୋଷଣା କରିସାରିଥିବା ବେଳେ ଅନ୍ୟ ଦୁଇ ପ୍ରମୁଖ ଦଳ କଂଗ୍ରେସ ଓ ଭାଜପା ଏହି ଆସନ ପାଇଁ ଏଯାବତ୍ ପ୍ରାର୍ଥୀ ଚୂଡ଼ାନ୍ତ କରି ନଥିବାରୁ ଆଶାୟୀମାନେ ଏବେ ଆଶା ଆଶଙ୍କାରେ ରହିଛନ୍ତି।

## ୬ ନାମାଙ୍କନପତ୍ର ଦାଖଲ

ଛତ୍ରପୁର,୨୦।୩(ଡି.ଏନ.ଏ)

ଗଞ୍ଜାମ ଜିଲାରେ ବୁଧବାର ୬ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏ ସମ୍ପର୍କରେ ସନ୍ଧ୍ୟାରେ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବ୍ରହ୍ମପୁର ଲୋକସଭା ଆସନ ପାଇଁ କେ. ଶ୍ୟାମବାବୁ ସୁବୁଦ୍ଧି ସ୍ୱାଧୀନ ପ୍ରାର୍ଥି ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଭଞ୍ଜନଗର ବିଧାନସଭା ଆସନ ପାଇଁ ବୀରେନ୍ଦ୍ର ଗୌଡ (ସ୍ୱାଧୀନ), ହିଞ୍ଜିଳି ପାଇଁ ନବୀନ ପଟ୍ଟନାୟକ (ବିଜେଡି), ଗୋପାଳପୁର ବିଧାନସଭା ଆସନ ପାଇଁ ଏସ୍. ଧର୍ମରାଜୁ ରେଡ୍ଡୀ (କଂଗ୍ରେସ), ବ୍ରହ୍ମପୁର ବିଧାନସଭା ଆସନ ପାଇଁ ଅବନୀ କୁମାର ଗୟା (ସ୍ୱାଧୀନ) ଓ ଚିକିଟି ବିଧାନସଭା ଆସନ ପାଇଁ ଉଷା ଦେବୀ (ବିଜେଡି) ନାମାଙ୍କନପତ୍ର ଦାଖଲ କରଛନ୍ତି।

# ପ୍ରଥମ ପ୍ରାର୍ଥିପତ୍ର ଦାଖଲ କଲେ ତ୍ରିପତି

ଗୁଣପୁର,୨୦।୩(ଡି.ଏନ.ଏ)–

ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବୁଧବାର ସିପିଆଇ(ଏମ୍‌ଏଲ୍ ) ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ତାଙ୍କ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ଦଳର ଏମ୍‌ପି ପ୍ରାର୍ଥୀ ଦାମୋଦର ଶବର, ଦଳୀୟ କର୍ମକର୍ତ୍ତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ। ବିଜେଡିରୁ ଇସ୍ତଫା ଦେଇଥିବା ବିଧାୟକ ତ୍ରିନାଥ ଗମାଙ୍ଗ ବୁଧବାର ନାମାଙ୍କନପତ୍ର ନେଇଥିବାବେଳେ ପୂର୍ବରୁ ପୁରୁଷୋତ୍ତମ ଗମାଙ୍ଗ ଓ ଶିବ ଉଲକା ମଧ୍ୟ ନାମାଙ୍କନପତ୍ର ନେଇଛନ୍ତି। ଏପ୍ରିଲ ୧୧ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ପରଠାରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାର୍ଥୀମାନେ ନିଜର ନାମାଙ୍କନପତ୍ର ୨୫ ତାରିଖ ପର୍ଯ୍ୟନ୍ତ ଦାଖଲ କରିପାରିବେ। ଶୁକ୍ରବାର ହୋଲି, ଶନିବାର ୪ର୍ଥ ଶନିବାର ଏବଂ ରବିବାର ଛୁଟି ଯୋଗୁ ପ୍ରାର୍ଥୀମାନେ ୨୧ ଏବଂ ୨୫ ତାରିଖ ଦୁଇ ଦିନ ଧରି ନାମାଙ୍କନପତ୍ର ଦାଖଲ କରିବେ। ୨୬ରେ ନାମାଙ୍କନ ପତ୍ର ଯାଞ୍ଚ, ୨୮ରେ ନାମାଙ୍କନପତ୍ର ପ୍ରତ୍ୟାହାର ସହ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ଗୁଣପୁର ଏବଂ ବିଷମକଟକ ଦୁଇଟି ନିର୍ବାଚନ ମଣ୍ଡଳୀ ପାଇଁ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ପ୍ରକ୍ରିୟା କରାଯିବ।



ତ୍ରିପତି ଗମାଙ୍ଗ ଶୋଭାଯାତ୍ରାରେ ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଉଛନ୍ତି।

## ନାମାଙ୍କନପତ୍ର ଦାଖଲ କଲେ ଉଷା ଦେବୀ

ଛତ୍ରପୁର,୨୦।୩(ଡି.ଏନ.ଏ)–

ଚିକିଟି ବିଧାନସଭା ଆସନ ପାଇଁ ବୁଧବାର ଉଷା ଦେବୀ ଛତ୍ରପୁର ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡିର ବହୁ କର୍ମୀ ଓ ସମର୍ଥକଙ୍କ ସହ ରାଲିରେ ଆସି ସେ ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀଙ୍କ ଠାରେ ୨ ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ନାମାଙ୍କନପତ୍ରରେ ଏ. ରାଙ୍ଗା ରାଓ ପ୍ରସ୍ତାବକ , ରାମନାଥ ପାଣିଗ୍ରାହୀ ଓ ବାପୁଜୀ ବିଷୋୟୀ ସମର୍ଥକ ରହିଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ବି. କ୍ରିଷ୍ଣମୂର୍ତ୍ତି, ଚନ୍ଦ୍ରଶେଖର ସାହୁ, ସୁବାସ ମହାରଣା, ଭଗବାନ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରାର୍ଥିପତ୍ର ଦାଖଲ କଲେ ବୀରେନ୍ଦ୍ର

### ବିଜେଡ଼ି, କଂଗ୍ରେସର ନିର୍ବାଚନୀ ସଜବାଜ, ଭାଜପା ପ୍ରାର୍ଥୀ ଘୋଷଣାରେ ବିଳମ୍ବ

ଭଞ୍ଜନଗର,୨୦।୩(ଡି.ଏନ.ଏ.)

ପ୍ରାର୍ଥିପତ୍ର ଦାଖଲର ବୁଧବାର ଦ୍ୱିତୀୟ ଦିବସରେ ଭଞ୍ଜନଗର ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ବିଧାୟକ ପ୍ରାର୍ଥି ଭାବେ ବୀରେନ୍ଦ୍ର କୁମାର ଗୌଡ଼ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବୀରେନ୍ଦ୍ର ନିଜ ସମର୍ଥକଙ୍କୁ ନେଇ ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଭଞ୍ଜନଗର ନିର୍ବାଚନମଣ୍ଡଳୀରୁ ବିଜେଡିରୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଷଷ୍ଠ ଥର ପାଇଁ ବିଧାୟକ ଭାବେ ପ୍ରାର୍ଥିପତ୍ର ଦାଖଲ କରିବେ। ସେହିଭଳି କଂଗ୍ରେସରୁ ସଞ୍ଜୟ କୁମାର ତ୍ରିପାଠୀ ପ୍ରାର୍ଥିପତ୍ର ଦାଖଲ କରିବେ। ଉଭୟ ନେତା ୨୫ ତାରିଖରେ ପ୍ରାର୍ଥୀପତ୍ର ଦାଖଲ କରିବା ସମ୍ଭାବନା ରହିଛି। ଏହାପୂର୍ବରୁ ଶୋଭାଯାତ୍ରା, ନିର୍ବାଚନ ପ୍ରଚାର ପାଇଁ ପ୍ରାର୍ଥିମାନେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଅପରପକ୍ଷେ ଭାଜପା ପକ୍ଷରୁ ବୁଧବାର ସନ୍ଧ୍ୟା ସୁଦ୍ଧା ପ୍ରାର୍ଥି ଘୋଷଣା ହୋଇ ପାରିନାହିଁ। ଯାହାକୁ ନେଇ ଭାଜପା ନେତା ଓ କର୍ମୀ ଦ୍ୱନ୍ଦରେ ଅଛନ୍ତି। ତଥାପି ଆଶାୟୀ ପ୍ରାର୍ଥିମାନେ କାଗଜପତ୍ର ପ୍ରସ୍ତୁତିରେ ବ୍ୟସ୍ତ ଥିବା ଜଣାପଡ଼ିଛି।

# କାଶୀନଗରରେ ଭାଜପାର ମିଶ୍ରଣ ପର୍ବ

କାଶୀନଗର, ୨୦।୩(ଡି.ଏନ.ଏ.)

ଗଜପତି ଜିଲା କାଶୀନଗରଠାରେ ବୁଧବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାଣ୍ଡବା ସରପଞ୍ଚ ଜଗନ୍ନାଥ ଦୋରା, ପୂର୍ବତନ ଉପନଗରପାଳ ଆର. ଲକ୍ଷ୍ମଣ ରାଓ, ମୁକୁନ୍ଦ ରାଓ, ଆର. ଚଲପତି ରାଓ, କୋରିକାନା ଦାସୁ, କୋଟେଶ୍ୱର ରାଓଙ୍କ ସମେତ କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଏମାନେ ସମସ୍ତେ ପୂର୍ବତନ ବିଧାୟକ କେ. ନାରାୟଣ ରାଓଙ୍କ ସମର୍ଥକ। ଭାଜପାର ବରିଷ୍ଠ ନେତା ହୃଷିକେଶ ଗୌଡ, ନଳିନୀ ପାତ୍ର, ନଗର ମଣ୍ଡଳ ସଭାପତି ପ୍ରଶାନ୍ତ ସାହୁ ଏହି କର୍ମୀମାନଙ୍କୁ ଦଳୀୟ ଟୋପି ପିନ୍ଧାଇ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଓ ଫରେଷ୍ଟ ଛକଠାରେ କର୍ମୀମାନେ ବାଣ ଫୁଟାଇ ନରେନ୍ଦ୍ର ମୋଦି ଜିନ୍ଦାବାଦ ଓ ଭାଜପା ଜିନ୍ଦାବାଦ ଆଦି ଧ୍ୱନୀ ଦେଇ ଖୁସି ମନାଇଥିଲେ।


ମିଶ୍ରଣ ପର୍ବରେ ଉପସ୍ଥିତ ଥିବା କର୍ମୀମାନେ।

## ▪ ଚାକିରି ଛାଡ଼ି ରାଜନୀତି

# ସଫଳତା କମ୍, ବିଫଳତା ବେଶି

ମାଲକାନଗିରି,୨୦।୩ (ଡି.ଏନ୍.ଏ.)

ଯେଉଁମାନେ ରାଜନୀତିକୁ ଆସନ୍ତି ସେମାନଙ୍କର ମହତ୍ ଉଦ୍ଦେଶ୍ୟ ଥାଏ ଜନସେବା । ଲୋକଙ୍କ ସୁଖ ଦୁଃଖରେ ଭାଗୀଦାରି ହୋଇ ସରକାରଙ୍କ ବିଭିନ୍ନ ଯୋଜନାରେ ଲୋକଙ୍କୁ ଉପକୃତ କରନ୍ତି। ତେବେ ଗତ କିଛିବର୍ଷ ହେଲା ସରକାରୀ ଅବା ବେସରକାରୀ ଚାକିରି ଛାଡି କେତେକ କର୍ମଚାରୀ ରାଜନୀତିରେ ପ୍ରବେଶ କରୁଛନ୍ତି। କୌଣସି ଏକ ରାଜନୈତିକ ଦଳରେ ପ୍ରଥମେ ସଭ୍ୟ ହୋଇ ଏମ୍‌ପି କିମ୍ବା ବିଧାୟକ ଟିକେଟ ଦାବି କରିଥାନ୍ତି। କେତେକ ସ୍ଥଳରେ ସେହି ବ୍ୟକ୍ତିମାନଙ୍କୁ ଦଳ ଟିକେଟ ଦେଇଥାଏ। ସେ ଯଦି ନିର୍ବାଚିତ ହେଲେ ୫ବର୍ଷ କାର୍ଯ୍ୟ କରିଥାନ୍ତି। ମାତ୍ର ପରେ ଦଳ ତାଙ୍କୁ ହତାଦର କରିଥାଏ। ସେମାନଙ୍କ ପାଇଁ ଦଳର ସେତେ ଆନ୍ତରିକତା ନ ଥାଏ । ନବରଙ୍ଗପୁର ଏମପି ବଳଭଦ୍ର ମାଝିଙ୍କ କ୍ଷେତ୍ରରେ ତାହା ହୋଇଛି। ବଳଭଦ୍ର କେନ୍ଦ୍ର ସରକାରଙ୍କ ରେଳ ବିଭାଗରେ ଜଣେ ବରିଷ୍ଠ ଯନ୍ତ୍ରୀ ଥିଲେ। ତାଙ୍କ ଚାକିରି କାଳ ଆଉ ୭ ବର୍ଷ ଥିଲା। କେନ୍ଦ୍ର ସରକାରଙ୍କ ସମସ୍ତ ସୁବିଧା, ଭଲ ଦରମା, ବଙ୍ଗଳା, ଗାଡି ଆଦି ଉପଭୋଗ କରୁଥିଲେ। ଗତ ୨୦୧୪ ନିର୍ବାଚନ ବେଳେ ସେ ଚାକିରିରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିଲେ। ପ୍ରତିଶ୍ରୁତି ଅନୁସାରେ ବିଜେଡି ତାଙ୍କୁ ନବରଙ୍ଗପୁର ଲୋକସଭା ଆସନରୁ ଟିକେଟ୍ ଦେଇଥିଲା। ସେ ବିଜୟୀ ହୋଇ ୫ବର୍ଷ ଏମ୍‌ପି ଭାବେ କାର୍ଯ୍ୟ କରିବା ପରେ ଏବେ ଦଳରେ ଅଦରକାରୀ ହୋଇପଡିଛନ୍ତି। ଦଳ ତାଙ୍କୁ ଆଉ ଖୋଜୁନାହିଁ ବୋଲି ସେ ସ୍ୱୀକାର କରି ନିକଟରେ ଦଳରୁ ଇସ୍ତଫା ଦେଇଛନ୍ତି।

ମାଲକାନଗିରି ଜିଲାର ଆଉ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ହେଲେ ଡ. କାମରାଜ କବାସୀ। ସେ ୨୦ ବର୍ଷ ତଳେ ରାଜଧାନୀ ସଚିବାଳୟରେ ଜଣେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ରାଜନୀତି କରିବା ପାଇଁ ଚାକିରିରୁ ଇସ୍ତଫା ଦେଇ ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପରେ କଂଗ୍ରେସରେ ଯୋଗଦେଇ ଭାଜପାରେ ଯୋଗ ଦେଇଥିଲେ। ଏବେ ସେ ଦଳରେ ଅଲୋଡା ହୋଇ ପଡିଛନ୍ତି। ଦଳ ତାଙ୍କୁ ଗୁରୁତ୍ୱ ଦେଉ ନ ଥିବାରୁ ଗତ ସପ୍ତାହରେ ଭାଜପା ଛାଡି ବିଜେଡିରେ ଯୋଗଦେଇଛନ୍ତି।

ସେହିପରି ଅନ୍ୟଜଣେ ହେଲେ କଂଗ୍ରେସର ପୂର୍ବତନ ବିଧାୟକ ନିମାଇ ସରକାର। ନିମାଇ ରାଜସ୍ୱ ବିଭାଗରେ ଜଣେ ଉଚ୍ଚପଦସ୍ଥ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଚାକିରିରୁ ଇସ୍ତଫା ଦେଇ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। କଂଗ୍ରେସ ଟିକେଟ୍‌ରେ ଗୋଟିଏ ଥର ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ମାଲକାନଗିରି ବିଧାନସଭା ଅନୁସୂଚିତ ଜନଜାତି ପାଇଁ ସଂରକ୍ଷଣ ହୋଇଯିବାରୁ ଦଳ ତାଙ୍କୁ ଅନ୍ୟ କେଉଁଠାରେ ଥଇଥାନ କରିପାରିଲା ନାହିଁ।

ନିକଟରେ ଜିଲା ରାଜସ୍ୱ ବିଭାଗରେ କାର୍ଯ୍ୟ କରୁଥିବା ପୂର୍ଣ୍ଣଚନ୍ଦ୍ର ବାକା ନିଜ ଚାକିରିରୁ ଇସ୍ତଫା ଦେଇ ରାଜନୀତିକୁ ମନ ବଳାଇଛନ୍ତି। ଅନ୍ୟ ଜଣେ ଆଇଟିଡିଏର ପିଏ ରାମକୃଷ୍ଣ ଗଣ୍ଡ ରାଜନୀତି କରିବା ପାଇଁ ନିଜ ପଦରୁ ଇସ୍ତଫା ଦେବାକୁ ସରକାରଙ୍କୁ ଆବେଦନ କରିଛନ୍ତି। ବିଜେଡିରେ ଯୋଗଦେବାକୁ ସେ ଯୋଗାଯୋଗରେ ଅଛନ୍ତି। ଚାକିରି ଛାଡି ରାଜନୀତିରେ ଯୋଗଦେବା ଅନେକ ନଜିର ମଧ୍ୟ ରହିଛି। ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଆଡମା ରାବା ଶିକ୍ଷକତାରୁ ଇସ୍ତଫା ଦେଇଛନ୍ତି। ଶିକ୍ଷକତାରୁ ଇସ୍ତଫା ଦେଇ ଆଦିତ୍ୟ ମାଢି ଭାଜପାରେ ଯୋଗ ଦେଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ଡାକ ବିଭାଗ ଚାକିରିରୁ, ଶରତ ଚନ୍ଦ୍ର ବୁରୁଦା ପୋଲିସ ଚାକିରିରୁ ଇସ୍ତଫା ଦେଇ ରାଜନୀତିରେ ପ୍ରବେଶ କରିଛନ୍ତି। ଚାକିରି ଛାଡି ପେନ୍‌ସନ ହରାଇ ଯେଉଁମାନେ ରାଜନୀତିକୁ ଆସିଛନ୍ତି ସେମାନଙ୍କ ମଧ୍ୟରୁ କେତେକାଂଶ ରାଜନୀତିରେ ସଫଳତା ପାଇଛନ୍ତି। ମାତ୍ର ଅଧିକାଂଶ ଥରେ ବିଧାୟକ, ଏମ୍‌ପି ଅବା କୌଣସି ରାଜନୈତିକ ପଦ ପଦବୀରେ ରହି ପରବର୍ତ୍ତୀ ସମୟରେ ଦଳ ପାଇଁ ଅଲୋଡା ହୋଇପଡିଛନ୍ତି।

# ଭିଜିଲାନ୍ସ ଜାଲରେ ଛେଲାଗଡ଼ ଆର୍‌ଆଇ

**ପାରଳାଖେମୁଣ୍ଡି, ୨୦ା୩(ସ୍ୱ.ପ୍ର.)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଲାଗଡର ରାଜସ୍ୱ ନିରୀକ୍ଷକ (ଆର୍. ଆଇ) ଚିନ୍ତାମଣି ପାଣିଗ୍ରାହୀ ବୁଧବାର ୧ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପରେ ତାଙ୍କୁ ବ୍ରହ୍ମପୁର ଭିଜିଲାନ୍ସ କୋର୍ଟକୁ ନିଆଯାଇଥିବା ପାରଳାଖେମୁଣ୍ଡି ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଆର୍. ଉଦୟଗିରି ବ୍ଲକ ଅଧୀନ ସାନ୍ତରାସାହି ଗ୍ରାମର ବିକ୍ରମ ମାଝି ଏକ ପ୍ରମାଣପତ୍ର ପାଇଁ ବାରମ୍ବାର ରାଜସ୍ୱ ନିରୀକ୍ଷକ ପାଣିଗ୍ରାହୀଙ୍କ ନିକଟକୁ ଧାଉଁଥିଲେ। ଏଥିପାଇଁ ପାଣିଗ୍ରାହୀ ତାଙ୍କୁ ୧ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ବିକ୍ରମ ପାରଳାଖେମୁଣ୍ଡି ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଯୋଜନା ଅନୁଯାୟୀ ବୁଧବାର ବିକ୍ରମ ଏହି ଟଙ୍କା ଦେବାକୁ ଆର୍‌ଆଇ ଅଫିସକୁ ଆସିଥିଲେ। ସେ ୧ହଜାର ଟଙ୍କା ପାଣିଗ୍ରାହୀଙ୍କୁ ଦେବାବେଳେ ପାରଳାଖେମୁଣ୍ଡି ଭିଜିଲାନ୍ସ ବିଭାଗର ଡିଏସ୍‌ପି ଅରୁଣ ନାୟକଙ୍କ ନେତୃତ୍ୱରେ ପୂର୍ବରୁ ସେଠାରେ ଲୁଚିରହିଥିବା ଏକ ଟିମ୍ ପାଣିଗ୍ରାହୀଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ପାଣିଗ୍ରାହୀ ପୂର୍ବରୁ ଗଜପତି ଜିଲା ଗୁମ୍ମା ବ୍ଲକ ଅଞ୍ଚଳରେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିଲେ।

**୧ହଜାର ଟଙ୍କା ଲାଞ୍ଚ ନେଉଥିଲେ**


ଚିନ୍ତାମଣି ପାଣିଗ୍ରାହୀ।

## ନାବାଳିକାଙ୍କୁ ଟଣାଓଟରା: ଜେଲ ଗଲେ ଯୁବକ

**ଚିକିଟି,୨୦ା୩(ଡି.ଏନ.ଏ.)**

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଟଣାଓଟରା କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ହରିଶ୍ଚନ୍ଦ୍ର ପ୍ରଧାନ। ମଙ୍ଗଳବାର ମଧ୍ୟାହ୍ନରେ ନାବାଳିକା ଜଣକ ନଦୀରେ ଗାଧୋଉଥିବା ହରିଶ୍ଚନ୍ଦ୍ର ପହଞ୍ଚି ତାଙ୍କୁ ଟଣାଓଟରା କରିଥିଲେ। ଏ ନେଇ ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ନଂ.୫୯/୨୦୧୯ ରୁଜୁ କରି ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ଗିରଫ ପରେ ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇଦିଆଯାଇଛି।










